ବର୍ଷ-୨୪, ସଂଖ୍ୟା-୧୭୯
ଭୁବନେଶ୍ୱର
୨୯ ଜୁଲାଇ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 179
Bhubaneswar
29 July, 2024,Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଭାରତକୁ ପ୍ରଥମ ପଦକ ଦେଲେ ମନୁ ଭାକର



## ଇତିହାସ ରଚିଲେ ମନୁ ଭାକର

## ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ ପଦକ

## ପ୍ରଥମ ଭାରତୀୟ ମହିଳା ସୁଟର ଭାବେ କଲେ କମାଲ୍

## ପ୍ରଧାନମନ୍ତ୍ରୀଙ୍କ ସମେତ ଶୁଭେଚ୍ଛା ଜଣାଇଲେ ବହୁ ବିଶିଷ୍ଟ ବ୍ୟକ୍ତି

ପ୍ୟାରିସ,୨୮।୭(ମହାଭାରତ): ପ୍ୟାରିସ ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି ଭାରତର ଯୁବ ଶୁଟର ମନୁ ଭାକର। ସେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାତେଇଛନ୍ତି। ସେ ୨୨୧.୭ ପଏଣ୍ଟ ସ୍କୋର କରି ଏପରି ସଫଳତା ହାସଲ କରିଛନ୍ତି। ଏହି ଐତିହାସିକ ସଫଳତା ପାଇଁ ମନୁ ଭାକରଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

ହରିୟାଣାରେ ଜନ୍ମିତ ମନୁ ଭାକର ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ପୂର୍ବରୁ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସୁମା ଶିରୁର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେ ପଦକ ଜିତି ପାରି ନଥିଲେ। ମନୁ ଭାକର ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ମନୁ ଭାକର ଦମଦାର ପ୍ରଦର୍ଶନ କରିଥିଲେ ହେଁ ଫାଇନାଲ ରାଉଣ୍ଡରେ ପ୍ରବେଶ କରି ପାରି ନଥିଲେ। ତାଙ୍କୁ ଗ୍ରୁପ ପର୍ଯ୍ୟାୟରୁ ଦୁଃଖଦ ବିଦାୟ ନେବାକୁ ପଡ଼ିଥିଲା। ହେଲେ ପ୍ୟାରିସରେ ସେ ନିଜର ଅଧୁରା ସ୍ୱପ୍ନକୁ ପୂରା କରିପାରିଛନ୍ତି।

ପ୍ରଥମ ସିରିଜର ୫ ଶୁଟରେ ମନୁ ଭାକର ୩ ଥରରୁ ୧୦ରୁ ଅଧିକ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ସେଟ ପରେ ତାଙ୍କୁ ପଏଣ୍ଟ ୧୦୦.୩ ହୋଇଯାଇଥିଲା। ସେ ପୂରା ରାଉଣ୍ଡରେ ୩ ନଂରୁ ତଳକୁ ଖସି ନାହାନ୍ତି। ଏକଦା ସେ ଦୁଇ ନମ୍ବର ସ୍ଥାନକୁ ମଧ୍ୟ ଚାଲି ଯାଇଥିଲେ। ହେଲେ ଶେଷ ରାଉଣ୍ଡରେ ତାଙ୍କ ଠାରୁ ଦକ୍ଷିଣ କୋରିଆର କିମ ଭଲ ପ୍ରଦର୍ଶନ କରିଥିଲେ।

୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଓ ରୌପ୍ୟ ପଦକ ଦକ୍ଷିଣ କୋରିଆ। ପାଖକୁ ଯାଇଛି। ସ୍ୱର୍ଣ୍ଣ ପଦକ ଓ୍ୱାଇ ଜେ ଓହ ଜିତିଥିବା ବେଳେ କିମ ରୌପ୍ୟ ପଦକ ପାଇଛନ୍ତି। ଉଭୟଙ୍କ ସ୍କୋର ଯଥାକ୍ରମେ ୨୪୩.୨ ଓ ୨୪୧.୩ ରହିଥିଲା।

# ସୁଟିଂ ଫାଇନାଲରେ ବାବୁତା, ନମିତା



ପ୍ୟାରିସ୍,୨୯।୭(ମହାଭାରତ): ଭାରତୀୟ ଶୁଟର ଅର୍ଜୁନ ବାବୁତା ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଅର୍ଜୁନ ସପ୍ତମ ସ୍ଥାନରେ ରହିଥିଲେ। ସନ୍ଦୀପ ସିଂହ ମଧ୍ୟ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ମଧ୍ୟ ୬୨୯.୩ ପଏଣ୍ଟ ସହ ରାଙ୍କିଙ୍ଗରେ ଦ୍ୱାଦଶ ସ୍ଥାନରେ ରହିଥିଲେ। ଅର୍ଜୁନଙ୍କ ମୋଟ ୬୩୦.୧ ପଏଣ୍ଟ ଥିଲା। ସେହିପରି ମହିଳା ୧୦ ମିଟର ଏୟାର ପିସ୍ତଲରେ ନମିତା ଜିନ୍ଦଲ ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି। ଅର୍ଜୁନ ବାବୁତା ଚମତ୍କାର ଆରମ୍ଭ କରି ୧୦.୮ ର ଶ୍ରେଷ୍ଠ ସ୍କୋର ସହ ୧୦୫.୭ ପଏଣ୍ଟ ହାସଲ କରିବାରେ ସଫଳ ହୋଇଥିଲେ। ଦ୍ୱିତୀୟ ଶୃଙ୍ଖଳାରେ ମୋଟ ପଏଣ୍ଟରେ ସାମାନ୍ୟ ହ୍ରାସ ଘଟିଥିଲା ଏବଂ ସେ ମାତ୍ର ୧୦୪.୯ ପଏଣ୍ଟ ପାଇଥିଲେ ମଧ୍ୟ ଅର୍ଜୁନ ଶ୍ରେଷ୍ଠ ୮ରେ ରହିବାରେ ସଫଳ ହୋଇଥିଲେ। ୨୯ତମ ସଟ୍ ରେ ସେ ୧୦୫.୫ ପଏଣ୍ଟ ଓ ୧୦.୯ ର ଶ୍ରେଷ୍ଠ ସ୍କୋର ସହ ତୃତୀୟ ଶୃଙ୍ଖଳାରେ ଅଗ୍ରଣୀ ହାସଲ କରିଥିଲେ। ତେବେ ଶୃଙ୍ଖଳାର ବାକି ଶଟ୍ ତାଙ୍କ ଉଚ୍ଚ ମାନଦଣ୍ଡ ପୂରଣ କରିପାରିନଥିଲା ଏବଂ ମାନ୍ୟତାରେ ଷଷ୍ଠ ସ୍ଥାନକୁ ଖସି ଆସିଥିଲା।

# କେନ୍ଦ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ନାଲକୋ ପରିଦର୍ଶନ

ଅନୁଗୁଳ,୨୮।୭(ମହାଭାରତ): କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦିନିକିଆ। ଅନୁଗୁଳ ଗସ୍ତରେ ଆସି ଶନିବାର ନାଲକୋ ସିପିପି ଓ ସ୍ମେଲଟର ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଅପରାହ୍ନ ସାଢେ ଦୁଇଟା ରେ ଶ୍ୱେତନିବାସ ଅତିଥି ଭବନ ଠାରେ ମନ୍ତ୍ରୀ ଶ୍ରୀ ଦୁବେଙ୍କୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ , ଜିଲ୍ଲାପାଳ ଅବଦ୍ଦଲ ଏମ ଅଖତର , ନାଲକୋ ସିଏମଡି ଡ଼ଃ ଶ୍ରୀଧର ପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ସ୍ଥାନୀୟ ବିଜେପି ନେତା ଅନୀଲ ବେହେରା, ଅମୀୟ ତ୍ରିପାଠୀ, ବିଷ୍ଣୁ ଚରଣ ବେହେରା, ରୋଜାଲୀନ ଦାସ, ବଳରାମ ପ୍ରସାଦ ସରପଞ୍ଚ ଜୟନ୍ତୀ ବେହେରା, ଶ୍ରମିକ ନେତା ମୁନା ସାମଲ, ପ୍ରକାଶ ଚନ୍ଦ୍ର ସିଂହ, ନାଲକୋ ଇଡି (ଏସ ଆଣ୍ଡ ପି) , ଜିଜିଏମ ଶୁଭେନ୍ଦୁ କୁମାର ନାୟକ, ଡିଜିଏମ ରାଜାରାମ ମିଶ୍ର , ଏଜିଏମ ସମୀର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ନାଲକୋ ସିଆଇଏସଏଫ, ଅନୁଗୋଳ ଜିଲ୍ଲା ପୁଲିସ, ନାଲକୋ ସିକ୍ୟୁରିଟି ଏସ୍କଟ ରେ ନେଇ ମନ୍ତ୍ରୀଙ୍କୁ ସ୍ମେଲଟର ଓ ସିପିପି ପ୍ଲାଣ୍ଟ, ଏବଂ ଟାଉନ୍ ସିପ୍ ପରିସରରେ ଥିବା ନାଲକୋ ଚିକିତ୍ସାଳୟ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ଦୁବେ ଖୁସି ବ୍ୟକ୍ତ କରିଥିଲେ।



# ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମୋଦୀ ଗୁରୁମନ୍ତ୍ର

**ନୂଆଦିଲ୍ଲୀ,୨୮।୭(ଏଜେନ୍ସି):** ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି (ବିଜେପି)ର ଦୁଇ ଦିନିଆ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ଶାସିତ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସରକାରଙ୍କ କଲ୍ୟାଣମୂଳକ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରିଛନ୍ତି।

ଏହି ସମୟରେ ସେ ତାଙ୍କ ଦଳର ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରର ଗରିବ କଲ୍ୟାଣକାରୀ ଯୋଜନାରେ କୌଣସି ପରିବର୍ତ୍ତନ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ ଏହି ଯୋଜନା ଅଧୀନରେ, କୌଣସି ପରିବାରକୁ ଦ୍ରବ୍ୟରେ ହ୍ରାସ କରାଯିବା ଉଚିତ ନୁହେଁ କିମ୍ବା କାହାକୁ ବଢ଼ାଇ ଦିଆଯିବା ଉଚିତ ନୁହେଁ। ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା ଅଧୀନରେ କେନ୍ଦ୍ର ସରକାର ଗୋଟିଏ ପରିବାର ପ୍ରତି ବ୍ୟକ୍ତିଙ୍କ ପାଇଁ ୫ କିଲୋଗ୍ରାମ ଖାଦ୍ୟଶସ୍ୟ ପ୍ରଦାନ କରୁଛନ୍ତି। ମୋଦୀଙ୍କ ଅନୁଯାୟୀ ସମସ୍ତଙ୍କୁ ସମାନ ପରିମାଣର ଦିଆଯିବା ଉଚିତ ଏବଂ ଖାଦ୍ୟ ସାମଗ୍ରୀ କାହାକୁ ବୃଦ୍ଧି କିମ୍ବା ହ୍ରାସ କରାଯିବା ଉଚିତ ନୁହେଁ।ଏଥର ଦେଶର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି।ଏହି କାରଣରୁ କେନ୍ଦ୍ର ସରକାରଙ୍କ ଶତପ୍ରତିଶତ ଯୋଜନାକୁ ନିଜ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଏବଂ ସେଥିରେ କୌଣସି ପରିବର୍ତ୍ତନ ନକରିବାକୁ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କେନ୍ଦ୍ର ସରକାର ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ ଚିନ୍ତା କରିବା ପରେ କୌଣସି ଯୋଜନା ପ୍ରସ୍ତୁତ କରନ୍ତି। ସେହି ଯୋଜନାଗୁଡିକର ପ୍ରୟୋଗରେ କେନ୍ଦ୍ରର ଉଦ୍ୟମ ସହିତ କୌଣସି ପ୍ରକାରର ଅବହେଳା ହେବା ଉଚିତ ନୁହେଁ। ହିତାଧିକାରୀ ଯୋଜନା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଏବଂ ଏହାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ନିର୍ଦ୍ଦେଶ ଦେଇଛନ୍ତି। ଭୁଲ୍ ଲୋକ ଏହାର ଫାଇଦା ନନେବା ପାଇଁ ଏଥିରେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ମଧ୍ୟ ଅନୁରୋଧ କରିଛନ୍ତି। ଏହି ବୈଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉତ୍ତମ ଶାସନକୁ ଆଗେଇ ନେବା ଏବଂ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମ ଦଳ ନିରନ୍ତର ଉଦ୍ୟମ କରୁଛି।


ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବିଜେପିର ରାଷ୍ଟ୍ରୀୟ ସଙ୍ଗଠନ ମହାସଚିବ ବିଏଲ ସନ୍ତୋଷଙ୍କ ସମେତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଛନ୍ତି। ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ମୋଦି ଆଜି ବୈଠକକୁ ସଂବୋଧିତ କରିଛନ୍ତି। ଦୁଇ ଦିବସୀୟ ଏହି ବୈଠକରେ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ ନିଜ ନିଜ ରାଜ୍ୟର କାର୍ଯ୍ୟ, ଯୋଜନା ଓ ବିକାଶ ଓ ଦୂରଦୃଷ୍ଟି ଉପରେ ପ୍ରସ୍ତୁତି ଦେଇଛନ୍ତି।

# ବଦଳିଲେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ

ଭୁବନେଶ୍ୱର,୨୮।୭(ମହାଭାରତ): ବଦଳିଲେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ। କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ୧୯୯୯ ବ୍ୟାଚ୍ର ଆଇଏଏସ୍ ଅଫିସର ଏନ୍‌ବିଏସ୍ ରାଜପୁତଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ଶାଶ୍ୱତ ମିଶ୍ରଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ୧୯୯୬ ବ୍ୟାଚ୍ର ଆଇଏଏସ୍ ଅଫିସର ଶାଶ୍ୱତ ମିଶ୍ର ଅର୍ଥ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପାଇଥିଲେ। ଏହା ସହିତ ତାଙ୍କୁ ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ (OSSSC) ର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଶାଶ୍ୱତ ମିଶ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହା ସହିତ ପୂର୍ବଭଳି ସେ ଶକ୍ତି ବିଭାଗର ପ୍ରମୁଖ ସଚିବ ଓ ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ ର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

# ୩୧ ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ

## ୩ ପର୍ଯ୍ୟନ୍ତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷାର ଆଶଙ୍କା



ଭୁବନେଶ୍ୱର,୨୮।୭(ମହାଭାରତ): ଆସନ୍ତା ଜୁଲାଇ ୩୧ ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଆଜି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ୩ ପର୍ଯ୍ୟନ୍ତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ସେହିପରି ୩୧ରୁ ୨ ଯାଏ ଛତିଶଗଡ଼ରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

ଏହାବାଦ ଆସନ୍ତା ୨୪ ଘଣ୍ଟା ଯାଏ ୬ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛିଯ ତେଣୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ୬ ଜିଲ୍ଲାରେ ୭୦ରୁ ୧୧୦ ମିମି ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ୩୧ ତାରିଖ ସକାଳ ୮.୩୦ ଯାଏ ୧୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ସେସବୁ ଜିଲ୍ଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଦେବଗଡ଼, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ୭ରୁ ୧୧ ସେମି ଯାଏ ବର୍ଷା ହୋଇପାରେ।

# ଆଜି ରତ୍ନଭଣ୍ଡାର ସ୍ଥିତି ଓ ସ୍ଥାୟୀତ୍ୱ ନେଇ ବୈଠକ

ପୁରୀ,୨୮।୭(ମହାଭାରତ): ରତ୍ନଭଣ୍ଡାର ସ୍ଥିତି ଓ ସ୍ଥାୟୀତ୍ୱ ନେଇ ଆସନ୍ତାକାଲି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହି ବୈଠକରେ ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଅଧକ୍ଷତା କରିବେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ବୈଠକରେ ଏଏସ୍ଆଇ ଅଧିକାରୀ ଯୋଗଦେବେ। କେବେଠୁ ଯାଞ୍ଚ ଓ ମରାମତି ହେବ, ସେ ନେଇ ଆଲୋଚନା କରାଯିବ । ଅନ୍ୟପକ୍ଷେ ଖୁବ ଶୀଘ୍ର ରତ୍ନଭଣ୍ଡାର ମରାମତି ହେବ ବୋଲି ରବିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।ଏପରିକି ଏସ୍ଓପିରେ କିଛି ସଂଶୋଧନ ଦରକାର ଥିଲା, ତାହା ହୋଇସାରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ମହାପ୍ରଭୁଙ୍କ ରିତିନୀତିରେ ଯେପରି ଅସୁବିଧା ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଆଗ ବାହାର ରତ୍ନଭଣ୍ଡାର ମରାମତି କାମ ସରିବା ପରେ ଭିତର ମରାମତି ପାଇଁ ଲେଜର ସ୍କାନିଂ ହେବ। କି ନ ହେବ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ବଦଳିଲେ ବିଭିନ୍ନ ରାଜ୍ୟର ରାଜ୍ୟପାଳ

**ନୂଆଦିଲ୍ଲୀ,୨୮।୭(ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଡଧରଣର ପରିବର୍ତ୍ତନ କରି ଅନେକ ରାଜ୍ୟର ରାଜ୍ୟପାଳକୁ ପରିବର୍ତ୍ତନ କରିଛନ୍ତି। ରାଷ୍ଟ୍ରପତି ପୁଡୁଚେରୀ ଓ ଚଣ୍ଡିଗଡର ଉପରାଜ୍ୟପାଳଙ୍କ ସହିତ ରାଜସ୍ଥାନ, ତେଲେଙ୍ଗାନା, ସିକ୍କିମ, ଝାଡ଼ଖଣ୍ଡ, ଛତିଶଗଡ, ମେଘାଳୟ, ମହାରାଷ୍ଟ୍ର ଓ ମଣିପୁରର ରାଜ୍ୟପାଳ ପରିବର୍ତ୍ତନ କରିଛନ୍ତି। ଏହାସହିତ ରାଷ୍ଟ୍ରପତି ପଂଜାବର ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡର ପ୍ରଶାସକ ଭାବେ ବନଓ୍ୱାରୀଲାଲ ପୁରୋହିତଙ୍କ ଇସ୍ତଫା ବି ସ୍ୱୀକାର କରିଛନ୍ତି ।

ରାଷ୍ଟ୍ରପତି ଭବନ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ, କେ.କୈଳାସନାଥମଙ୍କୁ ତାଙ୍କ କାର୍ଯ୍ୟାଳୟର କାର୍ଯ୍ୟଭାର ସମ୍ଭାଳିବାର ତାରିଖରୁ ପୁଡୁଚେରୀର ଉପରାଜ୍ୟପାଳ ନିଯୁକ୍ତ କରାଯାଇଛି। ହରିଭାଓ କିସନରାଓ ବଗାଡେଙ୍କୁ ରାଜସ୍ଥାନର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଜିଷ୍ଣୁଦେବ ବର୍ମାଙ୍କୁ ତେଲେଙ୍ଗାନାର ରାଜ୍ୟପାଳ ନିଯୁକ୍ତ କରାଯାଇଛି । ଓମ୍ ପ୍ରକାଶ ମାଥୁର ସିକ୍କିମ ଓ ସନ୍ତୋଷ କୁମାର ଗଂଗଓ୍ୱାର ଝାରଖଣ୍ଡର ନୂଆ ରାଜ୍ୟପାଳ ହେବେ ।

# 'ମନ କି ବାତ୍'ରେ ସମ୍ବଲପୁରୀ ଶାଢ଼ୀ

## ହସ୍ତତନ୍ତ ଦିବସରେ ସ୍ଥାନୀୟ ହସ୍ତତନ୍ତ ଉତ୍ପାଦନ କିଣିବା ପାଇଁ ଲୋକଙ୍କୁ ଅପିଲ

ନୂଆଦିଲ୍ଲୀ,୨୮।୭(ମହାଭାରତ): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧୨ତମ 'ମନ କି ବାତ' କାର୍ଯ୍ୟକ୍ରମରେ ପ୍ୟାରିସ ଅଲିମ୍ପିକ୍ସ, ହସ୍ତତନ୍ତ ବ୍ୟବସାୟ ସହ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି। ଇଣ୍ଟରନ୍ୟାସନାଲ୍ ମ୍ୟାଥସ୍ ଅଲିମ୍ପିୟାନ୍ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶବାସୀଙ୍କୁ ପ୍ୟାରିସ ଅଲିମ୍ପିକ୍ସ ଖେଳାଳିଙ୍କ ମନୋବଳ ବଢ଼ାଇବାକୁ କହିଛନ୍ତି ପ୍ରଧାନମନ୍ତ୍ରୀ।



ଏଥିସହ ଓଡ଼ିଶାର ସମ୍ବଲପୁରୀ ଶାଢ଼ୀ ସମେତ ଭାରତର ବିଭିନ୍ନ ହସ୍ତତନ୍ତ ବ୍ୟବସାୟକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଦେଶର ହସ୍ତତନ୍ତ ବ୍ୟବସାୟ ଦ୍ରୁତ ଗତିରେ ଆଗକୁ ବଢୁଛି। ଲୋକଙ୍କ ମଧ୍ୟରେ ହସ୍ତ କାରିଗରି ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛି।

ଖଦି ଗ୍ରାମ ଇଣ୍ଡଷ୍ଟ୍ରିଜ୍ ବ୍ୟବସାୟ ୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି ଏବଂ ହସ୍ତତନ୍ତ ସାମଗ୍ରୀର ବିକ୍ରି ୪୦୦% ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହ ହସ୍ତତନ୍ତ ବ୍ୟବସାୟକୁ ଆଗକୁ ବଢାଉଥିବା ମହିଳାମାନଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ହରିଆଣାର ରୋହତକରେ ହ୍ୟାଣ୍ଡଲୁମ୍ ଇଣ୍ଡଷ୍ଟ୍ରି ସହ ଜଡ଼ିତ ମହିଳାଙ୍କ ଅଗ୍ରଗତି ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରୋହତକ ଜିଲ୍ଲାର ୨୫୦ରୁ ଅଧିକ ମହିଳାଙ୍କ ଜୀବନ ସମୃଦ୍ଧ ହୋଇପାରିଛିଫ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ୀ, ଓଢଣୀ ଏବଂ ବେଡସିଟର ଚାହିଦା ରହିଛି।

ଏଥିସହ ବ୍ୟାଘ୍ର ଦିବସ ଉପରେ ମଧ୍ୟ ଆଲୋଚନା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆସନ୍ତାକାଲି ସାରା ବିଶ୍ୱରେ ବ୍ୟାଘ୍ର ଦିବସ ପାଳନ କରାଯିବ। ଭାରତରେ ବାଘ ସଂସ୍କୃତିର ଏକ ଅଂଶ। ବାଘ ସଂରକ୍ଷଣ ପାଇଁ ପ୍ରୟାସ କରାଯାଉଛି। ଦେଶରେ ବାଘ ସଂଖ୍ୟା ସହ ଜଙ୍ଗଲ କ୍ଷେତ୍ର ମଧ୍ୟ ବୃଦ୍ଧି ପାଉଛି। ବାଘ ସଂରକ୍ଷଣରେ ଜନସାଧାରଣଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

# ଓଡ଼ିଶାରୁ ଜମ୍ମୁ ଓ କଶ୍ମୀର ଯିବେ ବିଏସଏଫ ଯବାନ

ନୂଆଦିଲ୍ଲୀ,୨୮।୭: ଓଡ଼ିଶାରୁ ଜମ୍ମୁ ଓ କଶ୍ମୀର ଯିବେ ବିଏସ୍ଏଫ ଯବାନ। କୋରାପୁଟ ଓ ମାଲକାନଗିରିରେ ନିୟୋଜିତ ଥିବା ୨ ହଜାର ବିଏସ୍ଏଫ୍ ଯବାନ ସେଠାକୁ ଯିବେ। ଭାରତ-ପାକିସ୍ତାନ ସୀମାରେ ସେମାନଙ୍କୁ ନିୟୋଜିତ କରାଯିବ।

ଗଲା କିଛି ଦିନ ଧରି ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀଙ୍କ ଗତିବିଧି ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଆଣ୍ଟି ନକ୍ସଲ ଅପରେସନ୍ ରେ ନିୟୋଜିତ ଥିବା ଏହି ବିଏସ୍ଏଫ ଯବାନଙ୍କୁ ତୁରନ୍ତ ସେଠାକୁ ପଠାଯିବ ବୋଲି ଜଣାପଡ଼ିଛି। ଏନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଛି। ଗତ ସପ୍ତାହେ ଧରି ରାଜୌରୀ, କୁପୱାଡ଼ା, ଡୋଡା ଭଳି ଅଞ୍ଚଳରେ ଯବାନ-ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ଏପରିକି ଦୁଇ ସପ୍ତାହ ତଳେ ଜଣେ କ୍ୟାପଟେନଙ୍କ ସମେତ ୩ ଜଣ ଯବାନ ସହିଦ ହୋଇଥିଲେ। ଦୁଇ ଦିନ ତଳେ ରଜୌରୀରେ ୫ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଗତକାଲି କୁପୱାଡାରେ ଜଣେ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଥିଲେ।

# ଓଡ଼ିଶା କ୍ୟାଡରର ଅଫିସରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୭(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଚାରି ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ ଆଜି ଦିଲ୍ଲୀ ସ୍ଥିତ ଓଡ଼ିଶା ଭବନରେ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ଆଇଏଏସ ଅଫିସରମାନଙ୍କ ସହିତ ଆଲୋଚନା କରିଛନ୍ତି।



କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତ ଥିବା ଏହି ଆଇଏଏସ ଅଫିସରମାନଙ୍କୁ ଓଡ଼ିଶାରେ ଆରମ୍ଭ ହୋଇଥିବା ନୂଆ ବିକାଶ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସେ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ। ନୀତି ଆୟୋଗର ବୈଠକରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଯେଉଁ ସବୁ ପ୍ରସ୍ତାବ ରଖିଥିଲେ ସେସବୁର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସେ ଏହି ଅଧିକାରୀମାନଙ୍କ ସହଯୋଗ ଲୋଡିଥିଲେ। ଏକ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଏହି ସବୁ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଓ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଆଲୋଚନା ସମୟରେ ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ମଧ୍ୟ ଯୋଗ ଦେଇଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୀତିଆୟୋଗର ଗଭର୍ଣ୍ଣିଂ କାଉନସିଲ ବୈଠକରେ ମୁଁ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଭାରତ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ କାମନା କରିଛି। ଯେଉଁ ଯେଉଁ କ୍ଷେତ୍ର ପାଇଁ ଆମକୁ କେନ୍ଦ୍ର ସରକାରଙ୍କ ସହଯୋଗ ଆବଶ୍ୟକ ସେଗୁଡିକ ହେଲା ବନ୍ଦର ଭିତ୍ତିକ ବିକାଶ, ଇଣ୍ଡଷ୍ଟ୍ରିଆଲ କରିଡର ଓ ଇଣ୍ଡଷ୍ଟ୍ରିଆଲ ପାର୍କ ସ୍ଥାପନ, ରେଲୱେ ଓ ଏୟାରପୋର୍ଟ ଭିତ୍ତିଭୂମି ସ୍ଥାପନ ପାଇଁ ଅଧିକ ଅର୍ଥର ବରାଦ ଏବଂ ଆବଶ୍ୟକ ମଞ୍ଜୁରି, ପ୍ରାକୃତିକ ବିପର୍ଯ୍ୟୟ ସହଣି। ଭିତ୍ତିଭୂମିର ବିକାଶ ପାଇଁ ସହାୟତା, ସବୁଜ ଅର୍ଥନୀତିର ବିକାଶ ପାଇଁ ହାଇଡ୍ରୋ ଷ୍ଟୋରେଜ ପ୍ଲାଣ୍ଟ ଓ ସୋଲାର ପ୍ରକଳ୍ପ ପାଇଁ ସହାୟତା, ଫାଇନାନସିଆଲ ଇନକ୍ଲୋଜନ ବା ଆର୍ଥିକ ଅନ୍ତର୍ଭୁକ୍ତୀ କରଣ ପାଇଁ ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳରେ ବ୍ୟାଙ୍କ୍ ଶାଖା ଓ ଏଟିଏମ୍ ପ୍ରତିଷ୍ଠା, ଖଣିଜ ଶିଳ୍ପର ବିକାଶ ପାଇଁ ସହଯୋଗ, ରେଳ ନେଟର୍କ ର ବିକାଶ, ବୈଦେଶିକ ପୁଞ୍ଜି ଓ ସେମି କଣ୍ଡକ୍ଟର ପରି ଆଧୁନିକ ଶିଳ୍ପର ବିକାଶ ପାଇଁ ସହଯୋଗ, ଜଙ୍ଗଲ ସମ୍ପଦର ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପରି ରାଜ୍ୟକୁ ଅଧିକ ପ୍ରୋତ୍ସାହନ ଓ ଆହୁରି ଅନେକ ପ୍ରସ୍ତାବ। ଆଗାମୀ ୧୨ ବର୍ଷରେ ନୂଆ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ନୂଆ ଓଡ଼ିଶାର ପରିକଳ୍ପନା ପାଇଁ ଆଗାମୀ ୫ ବର୍ଷ ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରଥମ ୫ ବର୍ଷ ଏହା ଉପରେ ଆମେ ଫୋକସ କରିଛୁ। ୨୦୪୭ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ ହୋଇସାରିଥିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୨୪ ବର୍ଷ ଧରି ରାଜ୍ୟରେ କିଛି କାମ ହୋଇନାହିଁ। ଏହି ବର୍ଷ ମଧ୍ୟରେ ଲୋକଙ୍କ ଆୟ ବଢିଲା ନାହିଁ। ଏକ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଏହି ସବୁ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବଳିଷ୍ଠ ଅବଦାନ ଆଶା କରୁଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏଥିପାଇଁ କେବଳ ସରକାରୀ ପ୍ରୟାସ ଯଥେଷ୍ଟ ନୁହେଁ। ଏଥିପାଇଁ ସମାଜର ସବୁ ସ୍ତରରେ ସହଯୋଗ ଆବଶ୍ୟକ। ସେ କହିଥିଲେ ଯେ ନବଗଠିତ ଓଡ଼ିଶା ସରକାର ଜୁଲାଇ ୨୫ ତାରିଖରେ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ଭାବରେ ସେ ଏହି ବଜେଟ୍ ଉପସ୍ଥାପନ କରିଥିଲେ।

ଏହି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ସମାଜର ବିଭିନ୍ନ ବର୍ଗ ଯଥା ଅର୍ଥନୈତିକ ବିଶେଷଜ୍ଞ, ବୁଦ୍ଧିଜୀବୀ, ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ ରହି ସେମାନଙ୍କ ର ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ। ଏହା ସହିତ ଅନଲାଇନ ଜରିଆରେ ମଧ୍ୟ ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ମତାମତ ଆସିଥିଲା। ଏହା ପୂର୍ବ ବର୍ଷ ଅପେକ୍ଷା ୬ ଗୁଣ ଅଧିକ।ତେଣୁ ଆମର ଏହି ବଜେଟରେ ଲୋକଙ୍କ ମତାମତ ପ୍ରତିଫଳିତ ହୋଇଛି।

# ସିଝା ମାଛ ମସଲା

ଆବଶ୍ୟକ ସାମଗ୍ରୀ: ମାଛ,ହଳଦୀ ଗୁଣ୍ଡ,ଗରମ ମସଲା, ଅଦାରସୁଣ ବଟା, କଟା ପିଆଜ,ଧଳା ସୋରିଷ ବଟା,ବସା ଦହି,କଂଚା ଲଙ୍କା,ଅଦାରସୁଣ କଟା,ଗରମ ମସଲା ଗୁଣ୍ଡ,ଲୁଣ ଓ ତେଲ । ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ହଳଦୀ ଗୁଣ୍ଡ,ଲଙ୍କା ଗୁଣ୍ଡ,ଗରମ ମସଲା ,ଅଦାରସୁଣ ବଟା,କଟା ପିଆଜ,ଧଳା ସୋରିଷ ବଟା,ବସା ଦହି କଂଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ କଡେଇରେ ପାଣି ଫୁଟାଇ ସେଥିରେ ତେଲ ପକାନ୍ତୁ । ଏବେ ସେଥିରେ ମ୍ୟାରିନେଟ ହୋଇଥିବା ମାଛକୁ ପକାନ୍ତୁ । ତା'ପରେ ସେଥିରେ କଟା ଅଦାରସୁଣ,ଗରମ ମସଲା ଗୁଣ୍ଡ,କଟା ପିଆଜ,ଗୋଟା କଂଚା ଲଙ୍କା ଓ ଅଳ୍ପ ଲୁଣ ପକାଇ ଘୋଡଣୀ ଘୋଡାଇ ଦିଅନ୍ତୁ । ୫ରୁ୭ ମିନିଟ୍ ପରେ ଘୋଡଣୀ ବାହାର କରି ମାଛ ଗୁଡିକୁ ଓଲଟାଇ ଦିଅନ୍ତୁ ଓ ପୁଣି ଘୋଡଣୀ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସିଝା ମାଛ ମସଲା' ।



ଖବର

# ଲଣ୍ଡନରେ ପାର୍ଟି ନକରି ପୁଣି ଥରେ କୀର୍ତ୍ତନକୁ ଗଲେ ବିରୁଷ୍କା



ଲଣ୍ଡନରେ ପାର୍ଟି ନକରି କୀର୍ତ୍ତନକୁ ଯାଉଛନ୍ତି ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି। ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତରେ ପ୍ରଶଂସକଙ୍କ ସହ ବିଜୟ ଉତ୍ସବ ପାଳି ଲଣ୍ଡନ ଚାଲିଯାଇଥିଲେ ବିରାଟ । ସେବେଠାରୁ ଚର୍ଚ୍ଚା ହେଉଛି ଯେ, ବିରାଟ-ଅନୁଷ୍କା ଭାରତ ଛାଡ଼ି ଲଣ୍ଡନରେ ରହିବା ଆରମ୍ଭ କରିଛନ୍ତ । ଆଗକୁ ଦୁହେଁ ଭାରତରେ ରହିବା । ପରିବର୍ତ୍ତେ ନିଜ ପିଲାମାନଙ୍କ ସହ ଲଣ୍ଡନରେ ରହିବେ ବୋଲି କୁହାଯାଉଛି । ଏହା ଉପରେ ଦୁହେଁ କେଣସି ପ୍ରତିକ୍ରିୟା ରଖିନଥିଲେ ବି ଦୁହିଁଙ୍କୁ କୀର୍ତ୍ତନରେ ସାଥିରେ ଦେଖିବାକୁ ମିଳୁଛି । ଏହା ପୂର୍ବରୁ ମୁମ୍ବାଇରେ ଧନୀକ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହ ପାର୍ଟିରେ ଅନେକ କ୍ରିକେଟର ଯୋଗ ଦେଉଥିବା ବେଳେ ବିରାଟ, ପତ୍ନୀ ଅନୁଷ୍କାଙ୍କ ସହ କୀର୍ତ୍ତନରେ ଯୋଗ ଦେଇଥିଲେ । ଭିଡିଓରେ ଇସ୍କନରେ ଦର୍ଶନ କରିବା ପରେ ସେଠାରେ ଆୟୋଜିତ ହୋଇଥିବା କୀର୍ତ୍ତନରେ ଯୋଗ ଦେଇଥିଲେ ବୋଲି ଜଣାପଡ଼ିଥିଲା । ଦୁହେଁ କ୍ରିଷ୍ଣ ଦାସଙ୍କ କୀର୍ତ୍ତନରେ ଅନେକ ଥର ଯୋଗ ଦେଉଥିବାର ନିକଟ ଅତୀତରେ ଦେଖିବାକୁ ମିଳିଛି, ଯାହା ତାଙ୍କ ପ୍ରଶଂସକଙ୍କ ମନ କିଣିଛି ।

# ଶାନ୍ତି ପାଇଁ ବାସ୍ତୁ ଉପାୟ



- ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।
- ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।
- ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।
- ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।
- ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।
- ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।
- ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।
- ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

# ଚଣା ଡାଲି ବାଦାମଠାରୁ ଅଧିକ ଲାଭଦାୟକ

ପ୍ରତିଦିନ ସକାଳେ ଭିଜା ବାଦାମ ଖାଇବା ବେଶ୍ ଲାଭଦାୟକ । ମାତ୍ର ଭିଜା ବାଦାମଠାରୁ ଚଣା ଡାଲି ଅଧିକ ଲାଭଦାୟକ । ଶସ୍ତାରେ ମିଳୁଥିବା ଚଣା ଡାଲିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ଫାଇବର, କ୍ୟାଲସିୟମ୍, ଆଇରନ୍ ଏବଂ ଭିଟାମିନ୍ସ ଭରପୁର ମାତ୍ରାରେ ରହିଛି । ଗଜା ଚଣାରେ କ୍ଲୋରୋଫିଲ, ଭିଟାମିନ୍ ଏ, ବି, ସି, ଡି ଏବଂ କେ, ଫସଫରସ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ମିନେରାଲସ ରହିଛି । ରାତିସାରା ଭିଜାଇ ସକାଳେ ଚଣା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ।



ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ- ଚଣାରେ ଭିଟାମିନ୍, ମିନେରାଲ୍ସ, କ୍ଲୋରୋଫିଲ୍ ଏବଂ ଫସଫରସ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଯାହା ଫଳରେ ପ୍ରତିଦିନ ଭିଜା ଚଣା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

ଡାଏବେଟିସ୍ ପାଇଁ ଲାଭଦାୟକ- ଡାଏବେଟିସ୍ ରୋଗୀ ପ୍ରତିଦିନ ସକାଳେ ୨୫ ଗ୍ରାମ୍ ଭିଜା ଚଣା ଖାଇବା ଲାଭଦାୟକ ହୋଇଥାଏ । ଖାଲି ପେଟରେ ଖାଇଲେ ଡାଏବେଟିସ୍‌ରୁ ଆରାମ ମିଳିଥାଏ ।

କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି- ଚଣା ଡାଲିରେ ଥିବା ଫାଇବର ପାଚନ ପାଇଁ ଲାଭଦାୟକ ହୋଇଥାଏ । ପେଟ ଦରଜ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଚଣାରେ ଅଦା, ଜିରା ଏବଂ ଲୁଣ ମିଶାଇ ଖାଆନ୍ତୁ । ଏହାଦ୍ୱାରା ପେଟ ଦରଜ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଶକ୍ତି ମିଳିଥାଏ- ପ୍ରତିଦିନ ସକାଳେ ଚଣାରେ ଲେମ୍ବୁ, ଅଦା, ଲୁଣ, ଗୋଲମରିଚ ମିଶାଇ ଖାଇଲେ ଶରୀର ସୁସ୍ଥ ରହିଥାଏ । ଏହାସହ ଦିନରେ କାମ କରିବା ପାଇଁ ଶକ୍ତି ମିଳିଥାଏ ।

ସୁସ୍ଥ ରହିବ ଶରୀର- ପୁରୁଷଙ୍କଠାରେ ଥିବା କୌଣସି ଦୁର୍ବଳତା ପାଇଁ ଚଣା ବେଶ୍ ଲାଭଦାୟକ । ପ୍ରତିଦିନ ସକାଳେ ଭିଜା ଚଣା ଖାଇଲେ ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ ।

ଆଇରନ୍ ସମସ୍ୟା ଦୂର ହେବ- ଶରୀରରେ ଆଇରନ୍ କମ୍ ଥିଲେ ଚଣା ଖାଇବା ଦ୍ୱାରା ତାହା ଦୂର ହୋଇଥାଏ । ଚଣା ଖାଇବା ଦ୍ୱାରା ଏନିମିଆ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

# ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ



ବାସ୍ତୁର ଏହି ନିୟମ ଗୁଡ଼ିକୁ ପାଳନ କରାଗଲେ ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବା ସହ ଗୃହରେ ସୁଖଶାନ୍ତି ପ୍ରବେଶ କରିଥାଏ। ପୂର୍ବ ଦିଗରେ ଘରର ସମ୍ପତ୍ତି ଏବଂ ଆଲମୀରା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏପରି କରିବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହୋଇଥାଏ। ଆଲମୀରାରେ ଟଙ୍କା ଓ ମୂଲ୍ୟବାନ ଜିନିଷ ରଖାଯାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ। ନକରାତ୍ମକ ଶକ୍ତି ଦୂର କରିବା ପାଇଁ ସପ୍ତାହ ଥରେ ପାଣିରେ ଲୁଣ ପକାଇ ନିଶ୍ଚୟ ଘର ପୋଛନ୍ତୁ। ଏପରି କରିବା ଦ୍ୱାରା ଘରେ ସୁଖଶାନ୍ତିର ଓ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ପୂଜା ସ୍ଥାନ ଶୟନ କକ୍ଷରେ ରଖନ୍ତୁ ନାହିଁ। ଶୟନ କକ୍ଷରେ ପୂଜାସ୍ଥାନ ଥିଲେ ଘରେ କଳହ ଓ ଆର୍ଥିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଝାଡୁ ଦାନ କଲେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୃହର ଐଶାନ୍ୟ କୋଣରେ ଏକ ପାତ୍ରରେ ଲୁଣ ଭର୍ତ୍ତି କରି ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ଟଙ୍କାପଇସାର ଅଭାବ ହୋଇନଥାଏ। ଘରର ଗାଧୁଆଘରର କବାଟ ଖୋଲା ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ମହିଳାଙ୍କୁ ସମ୍ମାନ କରନ୍ତୁ : ଯେଉଁ ଘରେ ମହିଳାଙ୍କୁ ସର୍ବଦା ସମ୍ମାନ ଦିଆଯାଏ, ସେଠାରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି। ଦମ୍ପତ୍ତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲେ ଏହି ସମସ୍ୟାର ସମାଧାନ ପ୍ରଥମେ କରନ୍ତୁ। କାରଣ କଳହ ଲାଗି ରହିଲେ ମା'ଲକ୍ଷ୍ମୀ କୋପ କରିଥାଆନ୍ତି।


ଶୁକ୍ରବାର ଦିନ ବ୍ରତ କରନ୍ତୁ : ଶୁକ୍ରବାର ଦିନକୁ ମା'ଲକ୍ଷ୍ମୀଙ୍କ ଦିନ ବୋଲି କୁହାଯାଏ। ମା'ଙ୍କ ପାଇଁ ଏହି ବ୍ରତ ରଖି ପୂଜାର୍ଚ୍ଚନା କରିବା ଦ୍ୱାରା ମା'ଙ୍କ ବିଶେଷ କୃପା ମିଳିଥାଏ। ଘରେ ସର୍ବଦା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

ଗୃହର ବାସ୍ତୁ ଦୋଷ ଦୂର କରନ୍ତୁ : ଘରର ବାସ୍ତୁ ସମସ୍ୟା ଥିଲେ ମା'ଲକ୍ଷ୍ମୀ ସେଠାରେ ବାସ କରିନଥାଆନ୍ତି। ବାସ୍ତୁରେ ପ୍ରତ୍ୟେକ ଜିନିଷ ଦିଗ ନିର୍ଦ୍ଧାରିତ ହୋଇ ରହିଛି। ବାସ୍ତୁ ଅନୁଯାୟୀ ପ୍ରତ୍ୟେକ ନିୟମ ମାନି ଏହାର ପାଳନ କରିବା ଦ୍ୱାରା ଗୃହର ବାସ୍ତୁ ଦୋଷ ଦୂର ହୋଇଥାଏ ଓ ମା' ସେହି ଗୃହରେ ସର୍ବଦା ବାସ କରିଥାଆନ୍ତି।

ଜାତକରେ ଶୁକ୍ରଗ୍ରହଙ୍କୁ ମଜଭୂତ ରଖନ୍ତୁ : ଯେଉଁ ବ୍ୟକ୍ତିଙ୍କ ଜାତକରେ ଶୁକ୍ରଗ୍ରହ ସଠିକ ସ୍ଥିତି ଓ ଭଲ ଭାବେ ରହିଥାଆନ୍ତି, ତାଙ୍କ ଉପରେ ମା'ଙ୍କ ଆଶୀର୍ବାଦ ସର୍ବଦା ରହେ ଓ ସେହି ଗୃହରେ ମା'ବାସ କରିଥାଆନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶୁକ୍ରଗ୍ରହକୁ ସୁଖସମୃଦ୍ଧିର ଗ୍ରହ କୁହାଯାଏ। ଶୁକ୍ରଙ୍କ ସ୍ଥିତି ଦୁର୍ବଳ ହେଲେ ଟଙ୍କାପଇସାର ସମସ୍ୟା ସୃଷ୍ଟି ହୁଏ।

# ବୈଜ୍ଞାନିକ ସିଦ୍ଧାନ୍ତ ଓ ଶ୍ରୀହରିଙ୍କ ଦଶାବତାର

ଭାରତୀୟ ପୌରାଣିକ ଗ୍ରନ୍ଥରେ ଏପରି କେତେକ ଆଖ୍ୟାନ ବର୍ଣ୍ଣିତ, ଯାହାସବୁ ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ଆଧାରିତ । ପୌରାଣିକ କାହାଣୀ ସିଦ୍ଧ କରିଥାଏ ଯେ ବୈଦିକ କାଳରେ ବିଜ୍ଞାନ ଅତ୍ୟନ୍ତ ସମୃଦ୍ଧ



ଥିଲା। ଏହି ବୈଜ୍ଞାନିକ ଆଧାର ହିଁ ସାମାଜିକ ପରିବର୍ତ୍ତନର କାରଣ ସାଜିଥିବା ଦେଖିବାକୁ ମିଳିଥାଏ । ବିଶିଷ୍ଟ ବୈଜ୍ଞାନିକ ଚାର୍ଲସ୍ ଡାରୱିନ୍‌ଙ୍କ 'ବିବର୍ତ୍ତନବାଦ' ବିଷୟରେ ଗଭୀର ଭାବେ ଅଧ୍ୟୟନ କଲେ ଏଥିରେ ଭାରତୀୟ ପୌରାଣିକ କାହାଣୀଗୁଡ଼ିକ ସହ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ମନୁଷ୍ୟର କ୍ରମ ବିକାଶ ଜଟିଳ ଜୀବିତ ପ୍ରାଣୀଙ୍କ ଠାରୁ ହୋଇଛି । ଜଳଚର, ସ୍ଥଳଚର ଉଭୟଚର ଆଦି ପ୍ରାଣୀଙ୍କ ସୃଷ୍ଟି ତଥା ବିବର୍ତ୍ତନ ଏକ ପ୍ରାକୃତିକ ତଥା କ୍ରମିକ ପ୍ରକ୍ରିୟା ବୋଲି ଡାରୱିନ୍ କହିଛନ୍ତି । ଭଗବାନ ବିଷ୍ଣୁଙ୍କ ଦଶ ଅବତାର କଥା ନିଆଯାଉ । ସମଗ୍ର ସୃଷ୍ଟି ଜଳମଗ୍ନ ଥିବା ସମୟରେ ଶ୍ରୀହରି ପ୍ରଥମ ଅବତାର ନେଇଥିଲେ । ସେ ପ୍ରଥମେ ମତ୍ସ୍ୟ ଅବତାର ଧାରଣ କରିଥିଲେ। ସେତେବେଳକୁ ପୃଥିବୀ ନଷ୍ଟ ହୋଇସାରିଥିଲା। କିନ୍ତୁ ସେ ମନୁ ଏବଂ ଜୀବ ଓ ପାଦପ ଜଗତର କେତେକ ବିଶେଷ ବସ୍ତୁ ବଞ୍ଚାଇ ରଖିଥିଲେ । ଠିକ୍ ସେହିପରି ଶ୍ରୀହରିଙ୍କ ଅନ୍ତିମ ଅବତାର କଳ୍କି ହେବ । ସେ ଜନ୍ମ ନେବା ବେଳକୁ ସବୁକିଛି ନଷ୍ଟ ହୋଇସାରିଥିବ । ଶ୍ରୀହରି କ୍ରମଶଃ ମତ୍ସ୍ୟ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ଶ୍ରୀରାମ, ଶ୍ରୀକୃଷ୍ଣ ଅବତାର ଧାରଣ କରିଥିଲେ। ସେ କଳ୍କୀ ଅବତାର ନେଲେ କଳିଯୁଗର ଅନ୍ତ ହୋଇଯିବ । ଭଗବାନ ବିଷ୍ଣୁଙ୍କ ଏହି ଅବତାର ସହିତ ଜୀବଜଗତର କ୍ରମବିକାଶ ନେଇ ରହିଥିବା ବୈଜ୍ଞାନିକ ଧାରଣା ସହିତ ମେଳ ଖାଇଯାଇଥାଏ ।

# ନିଯୁକ୍ତି ମେଳା ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରିବ

ଭୁବନେଶ୍ୱର,୨୮।୭ (ମହାଭାରତ): ନିଯୁକ୍ତି ମେଳା ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରିବାର ମାଧ୍ୟମ ସାଜିବ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଚଳିତ ଜୁଲାଇ ୨୭ ତାରିଖ ଶନିବାର ଦିନ ପୂର୍ବାହ୍ନରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଗ୍ରାଣ୍ଡ ଲୁମିନି କନଭେନସନ୍‌ରେ ଆୟୋଜିତ ଦୁଇ ଦିନିଆ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଦାସ ଏହା କହିଛନ୍ତି। ଏତଦ୍‌ବ୍ୟତୀତ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟଭାବେ ଗଢ଼ିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଛନ୍ତି। ଉଦ୍‌ବୋଧନ ଛଳରେ ଯୁବପୀଢ଼ିଙ୍କୁ ସଶକ୍ତକରଣ କରି ସେମାନଙ୍କୁ ରାଷ୍ଟ୍ରୀୟ ବିକାଶରେ ଯୋଡ଼ିବାରେ ନିଯୁକ୍ତିଦାତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଦିଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ନେଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ




କହିଥିଲେ ଯେ ମାନବ ସମ୍ବଳର ବିକାଶ ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏ ଦିଗରେ ଶିକ୍ଷାନୁଷ୍ଠାନ / କର୍ପୋରେଟ୍ ସେକ୍ଟର ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ନିଯୁକ୍ତି ମେଳାର ସୁଯୋଗ ନେଇ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଯୁବ ସମୁଦାୟଙ୍କୁ କହିଥିଲେ। ଭାଷଣ ପ୍ରସଙ୍ଗରେ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ୩୦ଟି ଜିଲ୍ଲା ବୁଲିଛନ୍ତି ଏବଂ ରାଜ୍ୟରେ ବିକାଶର ଅପାର ସମ୍ଭାବନା ରହିଛି ବୋଲି ଉପଲବ୍ଧି କରିଛନ୍ତି। ଓଡ଼ିଶାରେ ମାନବ ସମ୍ବଳ, ପ୍ରାକୃତିକ ସମ୍ବଳ, ବିସ୍ତୀର୍ଣ୍ଣ ସାମୁଦ୍ରିକ ବେଳାଭୂମି ଓ ବନ୍ଦର ରହିଛି। ରାଜ୍ୟରେ ଶିଳ୍ପ କରିଡ଼ର ମାଧ୍ୟମରେ ଅଧିକ ପୁଁଜି ବିନିଯୋଗ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ ଅବସରରେ ରାଜ୍ୟକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ଉକ୍ତ ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଓଡ଼ିଶା ରାଜ୍ୟ କମିଟିର ଚେୟାରମ୍ୟାନ୍ ଜେ.ବି. ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଭାଇସ୍ ଚେୟାରମ୍ୟାନ୍ ରାଜୀବ ସାହୁ, କନଭେନର ଶ୍ରୀମତୀ ସିକତା ଦାସ, ଉପଦେଷ୍ଟା ବି.ଏନ୍. ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରି ନିଯୁକ୍ତି ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ।

# ଉବଲ୍ ପକ୍ଷରୁ କ୍ୟାରିୟର୍ ସମିଟ

ଭୁବନେଶ୍ୱର,୨୮।୭ (ମହାଭାରତ): ଛାତ୍ରଛାତ୍ରୀ ଏବଂ ବୃତ୍ତିଧାରିଙ୍କ ପାଇଁ ଡିଜିଟାଲ୍ ପୋର୍ଟଫୋଲିଓ ପ୍ରସ୍ତୁତ କରୁଥିବା ଅଗ୍ରଣୀ ଷ୍ଟାର୍ଟଅପ୍ ଅନୁଷ୍ଠାନ 'ଉବଲ୍' ତରଫରୁ 'ଓ ହବ୍' ଠାରେ ଦିନିକିଆ କ୍ୟାରିୟର୍ ସମିଟ୍ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉବଲର ପ୍ରତିଷ୍ଠତା ତଥା ସିଇଓ ଆକାଶ ଜୟସ୍ୱାଲ କହିଛନ୍ତି ଯୁକ୍ତ ଦୁଇ କିମ୍ବା ଗ୍ରାଜୁଏସନ ପରେ କିପରି ନିଜର କ୍ୟାରିୟର ଗଢିବେ



ଏବଂ ଏଦିଗରେ କିପରି ସୁ ପରାମର୍ଶ ନେବେ ଏହାକୁ ନେଇ ଉବଲ ପକ୍ଷରୁ ଏହି ଦିନିକିଆ। କ୍ୟାରିୟର ସମିଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଶେଷ କରି ଉବଲ ହେଉଛି ଏକ ପ୍ଲାଟଫର୍ମ ଏହାର ଆପକୁ ବ୍ୟବହାର କରି ନିଜ କ୍ୟାରିୟର ସମ୍ବଧୀୟ ବିବରଣୀ ପାଇବା ସହ ଏକ୍ସପର୍ଟଙ୍କ ପରାମର୍ଶ ନେଇ ପାରିବେ ବୋଲି ଶ୍ରୀ ଜୟସ୍ୱାଲ୍ କହିଥିଲେ। ବର୍ତ୍ତମାନ ଅନଲାଇନ ଜରିଆରେ ରାଜ୍ୟ ବାହାରୁ ୨୭୩ କଲେଜ ଓଡିଶାରୁ ୫୬ଟି କଲେଜରୁ ମୋଟ ୮୦ହଜାର ଛାତ୍ରଛାତ୍ରୀ ଉବଲ୍ ସହ ଯୋଡି ହୋଇଥିବା କେ ୩ ହଜାର ମେଣ୍ଟର ଦୈନିକ ନିଯୁକ୍ତି ଆଶାୟିଙ୍କୁ ପରାମର୍ଶ ଦେଉଛନ୍ତି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି। କାର୍ଯ୍ୟକ୍ରମ ରେ ଟାଟା କନସଲଟାନସି ସର୍ଭିସର ମୁଖ୍ୟ ଏଚ ଆର ଅବିନାଶ ସାମଲ ଯୋଗଦେଇଥିଲେ। ବିଶେଷ କରି ପ୍ଲସ୍ ଟୁ ଓ ଗ୍ରାଜୁଏସନ ପରେ ଛାତ୍ର ଛାତ୍ରୀ ମାନେ କେଉଁ କ୍ଷେତ୍ରରେ ନିଜର କ୍ୟାରିଅର ଗଠନ କରିବେ ଏସବୁ ପ୍ରଶ୍ନ ସମସ୍ତଙ୍କ ମନରେ ଆସିଥାଏ। ଅଭିଭାବକ ମାନେ ପିଲାମାନଙ୍କ ପାଇଁ ଚିନ୍ତା ପ୍ରକଟ କରି ସମୟ ସମୟରେ କ୍ୟାରିୟର ପାଇଁ ଭୁଲ ରାସ୍ତାରେ ଯାଇଥାନ୍ତି ଫଳରେ ପିଲାମାନେ ସଠିକ କ୍ୟାରିୟର ଗଠନ ରେ ସଫଳତା ହାସଲ କରି ପାରିନଥାନ୍ତି । ଏହି ପ୍ଲାଟଫର୍ମରେ ଏକ୍ସପର୍ଟମାନେମ ଅନଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଠିକ ପରାମର୍ଶ ଦେବା ସହ ନିଯୁକ୍ତି ସମ୍ବନ୍ଧିୟ ଜ୍ଞାନ ପ୍ରଦାନ କରାଯାଏ ବୋଲି ଶ୍ରୀ ସାମଲ କହିଛନ୍ତି ।

# ଭୁବନେଶ୍ୱର ବିମାନବନ୍ଦରରୁ ଡିଜି ଯାତ୍ରା ସର୍ଭିସ

ଭୁବନେଶ୍ୱର,୨୮।୭ (ମହାଭାରତ): ବିମାନ ଯାତ୍ରୀଙ୍କ ପାଇଁ ଖୁସୀ ଖବର। ସହଜ ହେଲା ବିମାନ ଯାତ୍ରା। ଏବେ ଘଣ୍ଟା ଘଣ୍ଟା ଧରି ଲାଇନରେ ଠିଆ ହେବାରୁ ମିଳିଲା ମୁକ୍ତି। ଭୁବନେଶ୍ୱରରେ ଆରମ୍ଭ ହୋଇଛି ଡିଜି ଯାତ୍ରା। ବିମାନ ଉଡ଼ିବାର ବହୁତ ସମୟ ଆଗରୁ ଯାଇ ଅପେକ୍ଷାର ହେଲା ଅନ୍ତ। ଗୋଟେ କ୍ଲିକରେ ଏବେ ସରିବ ସବୁ କିଛି। ବୋର୍ଡିଂ ପାସଠୁ ଆରମ୍ଭ କରି ଚେକ୍ ଇନ୍ ଝନ୍ ଝଟ ସବୁ ଶେଷ।

ବେସସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଓ ଡିଜି ଯାତ୍ରା ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଏହି ସେବା ଆରମ୍ଭ ହୋଇଛି। ତେବେ କେବେଳ ଭୁବନେଶ୍ୱର ନୁହେଁ ଦେଶର ୧୨ଟି ବିମାନବନ୍ଦରରେ ଏହି ସେବା ଆରମ୍ଭ ହୋଇଛି ଯାହା ସମ୍ପୂର୍ଣ୍ଣ ଭାବେ ପେପରଲେସ। ଏହି ସେବା ଆରମ୍ଭ ହେବା ପରେ ଯାତ୍ରୀ ମାନେ କହିଛନ୍ତି ଏହା ବହୁତ ଭଲ କଥା ଆମକୁ ବହୁତ ସମୟ ପୂର୍ବରୁ ଆସିବାକୁ ପଡୁଥିଲା ଏବେ ଆମର ସମୟ ବଞ୍ଚିଯିବ। ଯାତ୍ରୀଙ୍କ ପାଇଁ ଆଗକୁ ଆହୁରି ଭଲ କାର୍ଯ୍ୟ ହେବ ବୋଲି କହିଛନ୍ତି ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ। ଆଗକୁ ଅନଲାଇନ ବ୍ୟାଗେଜ ହ୍ୟାଣ୍ଡଲିଙ୍ଗ ସିଷ୍ଟମ ମଧ୍ୟ ଯାତ୍ରୀଙ୍କ ପାଇଁ ଆରମ୍ଭ ହେବ। ବର୍ତ୍ତମାନ ତାହା ପରୀକ୍ଷା ମୂଳକ ଭାବେ ଟର୍ମିନାଲରେ ଲାଗୁ ହୋଇଛି।

ତେବେ କଣ ଏହି ଡିଜି ଯାତ୍ରା ସର୍ଭିସ। କେମିତି କାର୍ଯ୍ୟ କରେ ? ଆସନ୍ତୁ ଜାଣିବା। ଏହି ସେବାର ଲାଭ ଉଠାଇବାକୁ ହେଲେ ପ୍ରଥମେ ଆପଣଙ୍କ ପାଖରେ ସ୍ମାର୍ଟଫୋନ ଥିବା ଦରକାର। ମୋବାଇଲ ପ୍ଲେ ଷ୍ଟୋରରୁ 'ଡିଜି ଯାତ୍ରା' ଆପକୁ ଇନଷ୍ଟାଲ କରିବାକୁ ପଡିବ। ଏହା ପରେ ଗୋଟେ ଫେସ୍ ଆସିବ ଯେଉଁଥିରେ ଆପଣ ନିଜର ଆଧାର କାର୍ଡ ଉପଲୋଡ କରି ଲିଙ୍କ୍ କରିବାକୁ ହେବ। ଟିକେଟ କାଟିବା ପରେ ବୋର୍ଡିଙ୍ଗ ପାସ ଅପଲୋଡ଼ କରିବେ। ଏହା ପରେ ଏକ ଛଜ କୋଡ ଜେନେରେଟ ହେବ। ବିମାନ ବନ୍ଦରରେ ଲାଗିଥିବା ସେହି ଡିଜି ଯାତ୍ରା ମେସିନରେ ଆପଣ ଛଜ କୋଡ ଓ ନିଜର ମୁଁହ ସ୍କାନ କରିବେ। ଏହା ପରେ ଆପଣ ଅଳ୍ପ କିଛି ସେକେଣ୍ଡ ମଧ୍ୟରେ ଭିତରକୁ ପ୍ରବେଶ କରିପାରିବେ। ବିମାନ ବନ୍ଦର ବାହାରେ ଗୋଟିଏ ମେସିନ୍ ଲାଗିଥିବା ବେଳେ ଭିତରେ ଦୁଇଟି ମେସିନ୍ ରହିଛି। ସେହି ଦୁଇଟି ମେସିନରେ ଆପଣ କେବଳ ନିଜର ଫେସ ସ୍କାନ କରିବେ। ତେବେ ଏହି ସେବା ଦ୍ୱାରା ଟର୍ମିନାଲର ସୁରକ୍ଷା ଅଧିକ କଡାକଡି ହୋଇପାରିବ। ବେଆଇନ ଯାତ୍ରୀଙ୍କୁ ସହଜରେ ଚିହ୍ନଟ କରାଯାଇ ପାରିବ।

# କାର୍‌ଗିଲ ବିଜୟ ଦିବସରେ ୧୦୦୦ ମିଟରର ତ୍ରିରଙ୍ଗା

ଭୁବନେଶ୍ୱର,୨୮।୭ (ମହାଭାରତ): କାରଗିଲ ଯୁଦ୍ଧରେ ବିଜୟ ଲାଭ କରିବା ଭାରତୀୟ ଇତିହାସରେ ଏକ ଅବିସ୍ମରଣୀୟ ଦିନ। ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଦେଶର ବୀର ସୈନିକମାନେ ଏହି ଯୁଦ୍ଧରେ ଶତ୍ରୁପକ୍ଷକୁ ଧରାଶାୟୀ କରି ବିଜୟୀ ହୋଇଥିଲେ। ଏହା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ବୀର ସୈନିକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତକାଲି ଦେଶବ୍ୟାପୀ ୨୫ତମ କାର୍‌ଗିଲ 'ବିଜୟ ଦିବସ' ପାଳନ କରାଯାଇଥିବା ବେଳେ ଆଜି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିଶାଳ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି।

୧୦୦୦ ମିଟର ଲମ୍ବ ତ୍ରିରଙ୍ଗା ପତାକାକୁ ଧରି ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବକ, ଯୁବତୀମାନେ




ଭୁବନେଶ୍ୱରସ୍ଥିତ ବଢ଼େଇବାଙ୍କଛକରୁ ମାଷ୍ଟରକ୍ୟାଟିନ୍ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ବାବୁ ସିଂ ଓ ଇରାଶିଷ ଆଚାର୍ଯ୍ୟ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ଉପସଭାପତି ତଥା ଯୁବମୋର୍ଚ୍ଚାର ପ୍ରଭାରୀ ବିରଂଚି ତ୍ରିପାଠୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନିରନ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ସୁବ୍ରତ ବିଶ୍ୱାଳଙ୍କ ସମେତ ରାଜ୍ୟ ବିଜେପିର ବରିଷ୍ଠ ନେତା ଏବଂ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଲିଙ୍ଗରାଜମନ୍ଦିର ନିକଟସ୍ଥ ବଢ଼େଇବାଙ୍କଠାରେ ଆୟୋଜିତ ସଭାରେ ରାଜ୍ୟ ସଭାପତି ଶ୍ରୀ ସାମଲ ଯୋଗଦେଇ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମଗ୍ର ଭାରତ ବର୍ଷରେ କାର୍‌ଗିଲ ଦିବସ ଓ ତ୍ରିରଙ୍ଗା ଯାତ୍ରା ପାଳନ କରାଯାଇଛି। କାର୍‌ଗିଲ ଯୁଦ୍ଧରେ ସହୀଦ ହୋଇଥିବା ବୀର ସୈନିକମାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ସେମାନଙ୍କ ବୀରତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ।

# ବିକଶିତ ଦେଶ ଗଠନରେ ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୮।୭ (ମହାଭାରତ): ଇଂଜିନିୟରମାନେ ହେଉଛନ୍ତି ବର୍ତ୍ତମାନ ଯୁଗର ବିଶ୍ୱକର୍ମା । ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି କୋଠାବାଡ଼ି, ରାସ୍ତା ଏବଂ ସେତୁ ନିର୍ମାଣ କ୍ଷେତ୍ରରେ ଆମ ଇଂଜିନିୟମମାନେ ଅନେକ କାର୍ଯ୍ୟ କରୁଛନ୍ତି। ଆମେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବାବେଳେ ଇଂଜିନିୟମମାନଙ୍କ ଦକ୍ଷତାକୁ ଉପଯୋଗ କରି ଆମେ ଏହାକୁ ପୂରାକରି ପାରିବା ବୋଲି ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ମୁଖପତ୍ର 'ଟେକ୍‌ନୋସ୍କ୍ରାଇବ୍'ର ପଚାଶ ବର୍ଷ ପୂର୍ତ୍ତି ଅବସରରେ ଆଜି ସଂଘ ପକ୍ଷରୁ ମୁଖପତ୍ରର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମୁଖପତ୍ର 'ଟେକ୍‌ନୋସ୍କ୍ରାଇବ୍'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିବା ସହ ଡିପ୍ଲୋମା ଇଂଜିନିୟର ମାନଙ୍କର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ମମତା ଓ ଆନ୍ତରିକତା ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ହେବ ବୋଲି ମତବ୍ୟକ୍ତ କରିଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପତ୍ରିକାର ପୂର୍ବତନ ସୁଯୋଗ୍ୟ ସଂପାଦକମାନଙ୍କୁ ସମ୍ମାନିତ କରି ଭାଷା ସାହିତ୍ୟ



ପ୍ରତି ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଏକ ବୈଷୟିକ କର୍ମଚାରୀ ସେବାସଂଘର ମୁଖପତ୍ର ବୈଷୟିକ ପ୍ରବନ୍ଧ ସହ ସଦସ୍ୟସଦସ୍ୟାମାନଙ୍କ ସାରସ୍ୱତ ସୃଷ୍ଟି, ଓଡ଼ିଆ ଭାଷାରେ ଗଳ୍ପ-କବିତା ପ୍ରଭୃତି ପ୍ରକାଶ କରି ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଆ ସାହିତ୍ୟ ପ୍ରତି ତା'ର ଅବଦାନ ଜାରି ରଖିଛି । ଏହି ପତ୍ରିକାରେ ଲେଖା ଆରମ୍ଭ କରିଥିବା ଅନେକ ଲେଖକଲେଖିକାଙ୍କ ସୃଷ୍ଟି ଅନେକ ପ୍ରତିଷ୍ଠିତ ସମ୍ବାଦପତ୍ର ଓ ପତ୍ରିକାରେ ପ୍ରକାଶ ପାଇଁ ସେମାନଙ୍କୁ ଲେଖକୀୟ ସ୍ୱୀକୃତି ପ୍ରଦାନ କରିଛି । ନିର୍ମାଣ ହେଉଥିବା ପ୍ରକଳ୍ପର ସ୍ଥାୟିତ୍ୱ ଏବଂ ଉପଯୋଗିତା ଆଜିର ଦିନରେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । ତେଣୁ ଏହାକୁ ଧ୍ୟାନରେ ରଖି ଇଂଜିନିୟରମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ଖାଲିଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବଡ଼ଚଣା ବିଧାୟକ ଶ୍ରୀ ଅମର ନାୟକ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଇଂ ଶ୍ରୀକାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ନବନିର୍ବାଚିତ ମନ୍ତ୍ରୀ ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଦେଷ୍ଟା ଇଂ ସଚିତ୍ର ମୋହନ ରାଉଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ଇଂ ଶ୍ରୀଧର ବାରିକ ବିବରଣୀ ପାଠ କରିଥିଲେ । ଉପସଭାପତି ଇଂ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଯୋଗ୍ୟ ଯେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ୧୯୪୪ ମସିହାରେ ପ୍ରତିଷ୍ଠିତ ହୋଇ ଚଳିତ ବର୍ଷ ଅଶୀବର୍ଷ ପୂରଣ କରିଥିବାବେଳେ ଏହାର ମୁଖପତ୍ର ୧୯୭୪ ମସିହାରୁ ପ୍ରକାଶ ପାଇଆସୁଛି।

# କୋକା-କୋଲା ତ୍ରୈମାସିକ ଫଳାଫଳ ଉପସ୍ଥାପନ

ଭୁବନେଶ୍ୱର,୨୮।୭ (ମହାଭାରତ): କୋକା-କୋଲା କମ୍ପାନୀ ଏହାର ୨୦୨୪ ଦ୍ୱିତୀୟ ତ୍ରୈମାସିକୀ ଫଳାଫଳ ପ୍ରଦର୍ଶନ କରିବା ସହିତ ଅନେକ ଗୁଡ଼ିଏ ବିକାଶର ସୁଯୋଗ ଶିଳ୍ପ ଜଗତର ଶକ୍ତି ଭାରକୁ ନେଇ ଚଳମାନ କରିଛି। "ଆମେ ଆମର ଦ୍ୱିତୀୟ ତ୍ରୈମାସିକୀ ଫଳାଫଳ ସହିତ ଅତ୍ୟନ୍ତ ଉତ୍ସାହିତ ଅଛୁ ଯାହାକି ଏକ ଦୃଢ଼ ଉଚ୍ଚ ସ୍ତରର କାର୍ଯ୍ୟକାରୀ ଆୟକୁ ପ୍ରଦାନ କରିବା ସହିତ ସଦାସର୍ବଦା ବୃଦ୍ଧିକୁ ସୂଚିତ କରିଅଛି" ଏଭଳି ମତବ୍ୟକ୍ତ କରିଛନ୍ତି ଜେମସ୍ କ୍ୟୁନସି, ଅଧ୍ୟକ୍ଷ ତଥା ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, କୋକା-କୋଲାକମ୍ପାନୀ। "ଆମର ବଟଲିଙ୍ଗ ଭାଗିଦାରୀତାର ମିଳିତ ସହଯୋଗରେ, ଆମେ ଅବିରତ ଭାବରେ ଆମର ଉଚ୍ଚ ପ୍ରଭାବଶାଳୀ ସମସ୍ତ ଜଳବାୟୁ ପରିଚାଳିତ ପଦକ୍ଷେପ ଗ୍ରହଣ ସହିତ ଆମର ସକ୍ଷମତାକୁ ନେଇ ଦୃଢ଼ବିଶ୍ୱାସୀ ତଥା ଏସବୁକୁ ପାଥେୟ କରି ଆମେ ୨୦୨୪ର ନିର୍ଦ୍ଦେଶାବଳୀ ତଥା ଆମର ଲମ୍ବା-ଅବଧିର ଉଦ୍ଦେଶ୍ୟକୁ ଉପସ୍ଥାପିତ କରୁଅଛୁ।" ସେ ପୁଣି କହିଛନ୍ତି, "ଭାରତରେ ବ୍ୟବସାୟଏକ ଧିର ମନ୍ଥର ଗତି ସହିତ ବର୍ଷରୁ ଆରମ୍ଭ ହୋଇ ଦୃଢ଼ ସ୍ଥାନୀୟ ବ୍ରାଣ୍ଡ ଯେପରିକି ଥମସ ଅପ୍ ଏବଂ ମାଜା ସହିତ ଆଗକୁ ବଢ଼ି ଚାଲିଛି। ଗୋଟିଏ ପରେ ଗୋଟିଏ ଦୃଢ଼ କାର୍ଯ୍ୟକାରୀତାକୁ ନେଇ ଆମ ବିକାଶର ଗତି ଚଳମାନ ଚକ୍ର ଭଳି ଆଗକୁ ବଢ଼ି ଦୁଇଗୁଣା ସଂଖ୍ୟାକୁ ଆମର ବିକାଶ ଧାରାକୁ ନେଇପାରିଛି। ଭାରତରେ କମ୍ପାନୀ ଏହାର ପ୍ୟାକେଜିଙ୍ଗ ଅଭିନବୀକରଣକୁ ଶକ୍ତିଶାଳୀ କରିବା ସହିତ ଏକ ଅଲଟ୍ରା ଅତ୍ୟନ୍ତ ହାଲୁକା ଗ୍ରହଣକାରୀ ବୋତଲ ତଥା ବର୍ଦ୍ଧିତ ବୋତଲର ଶକ୍ତିକୁ ବ୍ୟବହାର କରିବା।

# କେନ୍ଦ୍ର କୋଇଲା ଏବଂ ଖଣି ରାଜ୍ୟ ମନ୍ତ୍ରୀଙ୍କ ନାଲକୋ ପ୍ଲାଣ୍ଟ ପରିଦର୍ଶନ

ଭୁବନେଶ୍ୱର,୨୮।୭ (ମହାଭାରତ): କେନ୍ଦ୍ରକୋଇଲା ଏବଂ ଖଣି ରାଜ୍ୟ ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଆଜି ପ୍ରଥମ ଥର ପାଇଁ ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ସମସ୍ତ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ନାଲକୋ ସିଏମଡି ଶ୍ରୀ ଶ୍ରୀଧର ପାତ୍ର ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ବୃକ୍ଷରୋପଣ ନିମନ୍ତେ ଏକ ସ୍ୱତନ୍ତ୍ର



ଅଭିଯାନ ଏକ ପେଡ଼ ମାଁ କେ ନାମ କୁ ସଫଳ କରିବା ନିମନ୍ତେ ସେ ଏକ ଚାରା ରୋପଣ କରିବା ସହ ନାଲକୋର ବରିଷ୍ଠ ଅଧିକାରୀ ମାନଙ୍କ ସହ କମ୍ପାନୀ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ।

ଏଥି ସହ ମନ୍ତ୍ରୀ ଅନୁଗୋଳ ସ୍ଥିତ ନାଲକୋର ସ୍ମେଲ୍ଟର ପ୍ଲାଣ୍ଟ ଏବଂ ପାୱାର ପ୍ଲାଣ୍ଟ ପରିଦର୍ଶନ କରି ଉତ୍ପାଦନ ଓ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ନାଲକୋ ସିଏମଡିଙ୍କ ସହ କମ୍ପାନୀର ଅନ୍ୟାନ୍ୟଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ନାଲକୋର କାର୍ଯ୍ୟଦକ୍ଷତାସହ ନାଲକୋ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ, କଠିନ ପରିଶ୍ରମ ଏବଂ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ।

# ପାଣି ଉଠାଇବା ବେଳେ ବୁଡ଼ି ଗଲେ ୨ କାଉଡ଼ିଆ

କଟକ,୨୮।୭ (ମହାଭାରତ): ଆସନ୍ତାକାଲି ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ଏଥିପାଇଁ ବୋଲ ବମ ଯାତ୍ରାର ବ୍ରତଧାରୀ ବା କାଉଡ଼ିଆମାନେ ବିଭିନ୍ନ ସ୍ଥାନରୁ ପାଣି ଆଣି ଶୈବପୀଠ ଅଭିମୁଖେ ଯାଉଛନ୍ତ। ହେଲେ ଏସବୁ ଭିତରେ ଗୋଟିଏ ଦୁଃଖଦ ଖବର ସାମ୍ନାକୁ ଆସିଛି।

ପାଣି ଉଠାଇବା ବେଳେ ମହାନଦୀର ଗଡ଼ଗଡ଼ିଆ ଘାଟରେ ବୁଡ଼ି ଯାଇଛନ୍ତି ଦୁଇ ଜଣ ଯୁବକ। ସର୍ବସମ୍ମୁଖରେ ଦୁଇ ଜଣ କାଉଡ଼ିଆ ବୁଡ଼ି ଯାଉଥିବା ବେଳେ ସାଥୀ ବୋଲ ବମ ବ୍ରତଧାରୀ ଓ ଅଗ୍ନିଶମ କର୍ମଚାରୀ ଜଣଙ୍କୁ ଉଦ୍ଧାର କରିଛନ୍ତି। ତେବେ ଆଉ ଜଣେ ଯୁବକ ଗଡ଼ଗଡ଼ିଆ ଘାଟର ଗଣ୍ଡରେ ପଡ଼ି ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଚାଲିଥିଲେ ହେଁ ଏଯାଏ କୌଣସି ସଫଳତା ମିଳି ନାହିଁ। ନିଖୋଜ ଯୁବକ ଜଣକ ଭୁବନେଶ୍ୱରର ବୋଲି ଜଣାପଡ଼ିଛି।

ଟିକିନା ନାୟକ ନାମକ ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି, ଆମେ ଘାଟରେ ବସିଥିବା ବେଳେ ଆମ ଲୋକମାନେ ସମସ୍ତେ ପାଣି ଉଠାଇବାକୁ ଭିତରକୁ ଯାଇଥିଲେ। ତେବେ ନଦୀର ଗଣ୍ଡରେ ପାଣି ଉଠାଉଥିବା ବେଳେ ଦୁଇ ଜଣ ହଠାତ୍ ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ଆମେ ତାଙ୍କ ସହ ମିଶି ଜଣଙ୍କୁ ବଞ୍ଚାଇ ପାରିଥିଲୁ। ଆଉ ଜଣଙ୍କୁ ବଞ୍ଚାଇ ହେଲାନି। ବେଶୀ ଖାଲ ଥିବାରୁ କେହି ସାହାସ କରି ଆଗକୁ ଯାଇ ନଥିଲେ।

# ଟୟୋଟା କିର୍ଲୋସ୍କରକୁ ଇଇପିସି ରପ୍ତାନି ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୮।୭ (ମହାଭାରତ): ନିକଟରେ ଆୟୋଜିତ ହୋଇଥିବା ଇଇପିସି ଇଣ୍ଡିଆ(ଭାରତୀୟ ଇଞ୍ଜିନିୟରିଂ ରପ୍ତାନି ପ୍ରୋତ୍ସାହନ ପରିଷଦ)ର ଦକ୍ଷିଣ ଅଂଚଳ ରପ୍ତାନି ପୁରସ୍କାର ଉତ୍ସବରେ ଦୁଇଟି ସମ୍ମାନଜନକ ପୁରସ୍କାର ସହିତ ଟୟୋଟା କିର୍ଲୋସ୍କର ମୋଟର(ଟିକେଏମ)କୁ ଉଲ୍ଲେଖନୀୟ ରପ୍ତାନି ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ୨୦୧୯-୨୧ ପାଇଁ ଟିକେଏମକୁ 'ଇଞ୍ଜିନ ଏବଂ ଟର୍ବାଇନ ଏବଂ ଏହାର ଅଂଶ'-ବୃହତ ଏଂଟ୍ରପ୍ରାଇଜ ପୁରସ୍କାର ଏବଂ ୨୦୨୦-୨୧ରେ ଇଞ୍ଜିନିୟରିଂ ଉତ୍ପାଦଗୁଡିକରେ ରପ୍ତାନି ଉତ୍କର୍ଷତା ହାସଲ କରିବା ପାଇଁ ବଣିକ ରପ୍ତାନିକାରୀ ବର୍ଗ ଅଧୀନରେ ଶୀର୍ଷ ରପ୍ତାନିକାରୀଙ୍କ ପାଇଁ 'ଗୋଲ୍ଡ ଟ୍ରଫି'ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରଗୁଡ଼ିକ ଭାରତର ଇଞ୍ଜିନିୟରିଂ ରପ୍ତାନିକୁ ଅଗ୍ରଗତି କରିବା ପାଇଁ କମ୍ପାନୀର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିଥାଏ। ଇଞ୍ଜିନିୟରିଂ କ୍ଷେତ୍ର ହେଉଛି ବ୍ୟାପକ ଉତ୍ପାଦନ କ୍ଷେତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସାମଗ୍ରିକ ଉତ୍ପାଦନ ଉତ୍ପାଦନରେ ଇଞ୍ଜିନିୟରିଂ ଉତ୍ପାଦର ଅଂଶ ଯଥେଷ୍ଟ ମହତ୍ୱପୂର୍ଣ୍ଣ।

ଏହି ପୁରସ୍କାରଗୁଡ଼ିକୁ ଭାରତ ସରକାରଙ୍କ ବାଣିଜ୍ୟ ବିଭାଗ ଯୁଗ୍ମ ସଚିବ ବିମଲ ଆନନ୍ଦ ଇଇପିସି ଚେୟାରମ୍ୟାନ ଅରୁଣ କୁମାର ଗାରୋଡିଆ, ଇଇପିସି ଡେପୁଟି ଆଂଚଳିକ ଚେୟାରମ୍ୟାନ ଶଶି କିରଣ ଲୁଇସ, ଇଇପିସିର ଆଂଚଳିକ ଚେୟାରମ୍ୟାନ ରମଣ ରଘୁ ପ୍ରମୁଖଙ୍କ ଉପସ୍ଥିତିରେ ପୁଡୁଚେରୀରେ ଆୟୋଜିତ ଏକ ସମାରୋହରେ ପ୍ରଦାନ କରିଥିଲା। ଇଇପିସି ଇଣ୍ଡିଆ ହେଉଛି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବାଣିଜ୍ୟ ଏବଂ ନିବେଶ ପ୍ରୋତ୍ସାହନ ସଂଗଠନ। ଏହା ଭାରତୀୟ ଇଞ୍ଜିନିୟରିଂ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ସରକାର ଏବଂ ଇଞ୍ଜିନିୟରିଂ ଗୋଷ୍ଠୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର ଭାବରେ କାର୍ଯ୍ୟ କରିଥାଏ। ଇଇପିସି ରପ୍ତାନି ଉତ୍କର୍ଷ ପୁରସ୍କାର ବିଭିନ୍ନ ଇଞ୍ଜିନିୟରିଂ ରପ୍ତାନି ବର୍ଗରେ ସେମାନଙ୍କର ଆଦର୍ଶ ପ୍ରଦର୍ଶନ ପାଇଁ ସଦସ୍ୟ ରପ୍ତାନିକାରୀଙ୍କୁ ଚିହ୍ନଟ କରିବା ଏବଂ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଥାଏ। ପୁରସ୍କାରଗୁଡ଼ିକ ରପ୍ତାନିର ଏଫଓବି(ମାଲ ପରିବହନ ବୋର୍ଡ) ମୂଲ୍ୟ, ରପ୍ତାନି ହୋଇଥିବା ଉତ୍ପାଦ ଏବଂ ନିଟ୍ ବୈଦେଶିକ ମୁଦ୍ରା ପରି ପାରାମିଟର ଉପରେ ଆଧାର କରି ସମଗ୍ର ଭାରତରେ ସର୍ବୋତମ ରପ୍ତାନିକାରୀଙ୍କୁ ମୂଲ୍ୟାଙ୍କନ କରିଥାଏ।

# ବିବାଦୀୟ ମନ୍ତବ୍ୟ

ରାହୁଲ ତାଙ୍କ ଭାଷଣରେ ପରୋକ୍ଷରେ ହିନ୍ଦୁମାନଙ୍କୁ ହିଂସୁକ ବୋଲି ଅଭିହିତ କରିଥିଲେ। ଏହାକୁ ବିଜେପି ତୀବ୍ର ବିରୋଧ କରିବା ସହିତ ରାହୁଲ ମିଛ କହି ପୁରା ହିନ୍ଦୁ ସମାଜକୁ ନିନ୍ଦିତ କରିଥିବା ଅଭିଯୋଗ କରି ତାଙ୍କଠାରୁ କ୍ଷମା ପ୍ରାର୍ଥନା ଦାବି କରିଛି। ରାହୁଲ କ'ଣ କହିଲେ, ତାହା ଠିକ ନା ଭୁଲ ତାହା ଭିନ୍ନ କଥା। କିନ୍ତୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ବେଳେ ରାହୁଲ ଏଭଳି ମନ୍ତବ୍ୟ ଦେବାର କିଛି ଆବଶ୍ୟକତା ନଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ହିନ୍ଦୁତ୍ୱ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଏ କଥା ସତ୍ୟ ଯେ, ରାଷ୍ଟ୍ରପତି ଯାହା କହିଲେ ତାହା ସରକାରଙ୍କ ବକ୍ତବ୍ୟ। ତେଣୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତୀୟ ଆଲୋଚନାରେ ସରକାରଙ୍କୁ ସମାଲୋଚନା କରିବାର ଅଧିକାର ବିରୋଧୀ ଦଳର ରହିଛି। କିନ୍ତୁ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସରକାରଙ୍କର କିଛି ହିନ୍ଦୁତ୍ୱ ଏଜେଣ୍ଡା ରହିଛି କି ? ବିଜେପି ବା ଆରଏସଏସର ନୀତି ସମ୍ପର୍କରେ ନୁହେଁ, ଏଠି ସରକାରଙ୍କ ନୀତି ଉପରେ ଆଲୋଚନା କରାଯିବା ଉଚିତ ଥିଲା। ବିରୋଧୀ ଦଳ ନେତା ଭାବେ ରାହୁଲ ଯେଉଁ ସୁଯୋଗ ପାଇଛନ୍ତି, ତାହାର ଦୁରୂପହଯୋଗ କରିବା ଭଳି ମନେ ହେଉଛି। ସେ ତାଙ୍କ ପଦର ଗରିମା ହାନୀ କରୁଛନ୍ତି। ବିରୋଧୀ ଦଳ ନେତା ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ସଂସଦରେ ନିଜ ବୟାନ ରଖିବା ଉଚିତ ଥିଲା। ଦେଶର ଅର୍ଥବ୍ୟବସ୍ଥା, ସାମାଜିକ ସ୍ଥିତି, ବୈଦେଶିକ ନୀତି, ପ୍ରତିରକ୍ଷା ବ୍ୟବସ୍ଥା, କୋଭିଡ ମହାମାରୀ ପରେ ଦେଶ କିପରି ବିପର୍ଯ୍ୟୟର ମୁକାବିଲା କରିଛି ବା କରିବା ଉଚିତ ଥିଲା। ତାହା ନକରି କେବଳ ହିନ୍ଦୁତ୍ୱ ଉପରେ ବର୍ଷିବା, ହିନ୍ଦୁଧର୍ମାବଲମ୍ବୀଙ୍କୁ ନିନ୍ଦା କରିବା ସଂସଦର ଗରିମା ନଷ୍ଟ କରିଛି। ଏହା ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା। ସଂସଦରେ ନିଜ ଅଭିଭାଷଣ ବେଳେ ରାହୁଲ ଶିବଙ୍କ ଫଟୋ ଦେଖାଇବାର କିଛି ଆବଶ୍ୟକତା ନଥିଲା। ଯିଏ ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରୁଛି ସେ ସଂସଦ ଭିତରେ ଏକ ନିର୍ଦ୍ଦିଷ୍ଟ ଧର୍ମର ଭଗବାନଙ୍କ ଫଟୋ ଦେଖାଇବା ଉଚିତ ନଥିଲା। ଏହା ଦ୍ୱାରା ରାହୁଲ ପୁନର୍ବାର ପ୍ରମାଣିତ କରିଛନ୍ତି ଯେ, ସେ ଏବେ ବି ରାଜନୀତିରେ ପରିପକ୍ୱ ହୋଇ ନାହାଁନ୍ତି କିମ୍ବା ବିରୋଧୀ ଦଳ ନେତା ହେବାକୁ ଯୋଗ୍ୟ ହୋଇ ନାହାଁନ୍ତି। ଦେଶର ଅର୍ଥନୀତି ସମ୍ପର୍କରେ ତାଙ୍କର ଆଦୌ ଜ୍ଞାନ ଥିବା ଭଳି ମନେ ହେଉନି। ଦେଶ ଆଗରେ ଅନେକ ସମସ୍ୟା ରହିଛି। କେବଳ ସରକାରଙ୍କୁ ସମାଲୋଚନା କଲେ ହେବନି। ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବା ଉଚିତ। ଅତୀତରେ ଅଟଳ ବିହାରୀ ବାଜପେୟୀ ଲୋକସଭାରେ ବିରୋଧୀ ଦଳ ନେତା ଥିବା ବେଳେ ତାଙ୍କ ପରାମର୍ଶକୁ ସରକାର ଗୁରୁତ୍ୱ ଦେଉଥିଲେ। ଦେଶର ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟକୁ ନୋଟ କରୁଥିଲେ। ପୁରା ଦେଶବାସୀ ତାଙ୍କ କଥାକୁ ଧ୍ୟାନର ସହ ଶୁଣୁଥିଲେ। କେବଳ ବାଜପେୟୀ ନୁହଁନ୍ତି, ଲାଲକୃଷ୍ଣ ଆଡଭାନୀ, ସୋମନାଥ ଚାଟାର୍ଜୀ, ଇନ୍ଦ୍ରଜିତ ଗୁପ୍ତା, ଜର୍ଜ ଫର୍ଣ୍ଣାଣ୍ଡିଜ, ପ୍ରଫେସର ମଧୁ ଦଣ୍ଡବତେ, ସୁଷମା ସ୍ୱରାଜ, ଅରୁଣ ଜେଟଲି ପ୍ରମୁକ ସଂସଦରେ ବିରୋଧୀ ଆସନରେ ବସିଥିବା ବେଳେ ଯାହା କହୁଥିଲେ ତାହା ସଂସଦୀୟ ଗଣତନ୍ତ୍ରର ଅମୂଲ୍ୟ ସମ୍ପତ୍ତି ହୋଇ ରହିଛି। ରାହୁଲ ପୁରୁଣା ରେକର୍ଡ ମଗାଇ ଏହାକୁ ଅନୁଧ୍ୟାନ କରିବା ଉଚିତ। ଦେଶରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଦର ଏବେ ଆକାଶ ଛୁଆଁ। ବିଦେଶରୁ ଭାରତକୁ ଅନେକ ପ୍ରକାର ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି। ଏ ସମ୍ପର୍କରେ ରାହୁଲ ତାଙ୍କ ବକ୍ତବ୍ୟରେ କହିବା ଉଚିତ ଥିଲା। ଯଦି ସେ ଦରଦାମ ବୃଦ୍ଧି ନେଇ ସରକାରଙ୍କୁ ଜବାବ ତଲବ କରିଥାନ୍ତେ ତେବେ ତାହା ଅଧିକ ସ୍ୱାଗତଯୋଗ୍ୟ ହୋଇଥାଆନ୍ତା।

# ସଂକ୍ରାମକ ହେପାଟାଇଟିସ୍


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥



"
ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି।


ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।


ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା


॥ ଗୋପାଳ ମହାପାତ୍ର ॥


ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମଧ୍ୟରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମଧ୍ୟ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମଧ୍ୟ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ 'ଷ୍ଟ୍ରିଟ୍‌ଫୁଡ୍' ମଧ୍ୟ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମଧ୍ୟ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମଧ୍ୟ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମଧ୍ୟ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମଧ୍ୟରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ୍ ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମଧ୍ୟରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।


ରାମଚନ୍ଦ୍ରପୁର, ରଣପୁର, ମୋ.-୯୪୩୮୪୮୫୦୯୪


# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ


॥ ଡକ୍ଟର ରାଜକିଶୋର ମିଶ୍ର ॥


ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।


ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ- ୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି- ୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ- ୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଲିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସଭାପତିଙ୍କ ଅନୁପସ୍ଥିତରେ ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ

**ପାରାଦୀପ,(ମହାଭାରତ) :** ଏକଦା ପାରାଦୀପ ପୌରାଞ୍ଚଳରେ ବିଜେଡି ର ସାଙ୍ଗଠନିକ ସ୍ଥିତି ବେସ ମଜଭୁତ ରହିଥିବା ବେଳେ ଗତ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ବିଧାୟକ ସମ୍ବିତ ରାଉତରାୟ ଏବଂ ପାରାଦୀପ ପୌରାଧକ୍ଷ ତଥା ପାରାଦୀପ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳଙ୍କ ମଧ୍ୟରେ ମନାନ୍ତର ଯୋଗୁଁ ଏଠାରେ ଦଳୀୟ ବିଶୃଙ୍ଖଳା ଦେଖାଯାଇଥିଲା । ତେବେ ସେତେବେଳ ରାଜ୍ୟ ନେତୃତ୍ୱ ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଗତ ନିର୍ବାଚନରେ ଏଠାରେ ବିଜେଡି ବିଧାୟିକା ପ୍ରାର୍ଥୀନୀ ତଥା ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ପତ୍ନୀ ଗୀତାଞ୍ଜଳି ରାଉତରାୟ ଙ୍କୁ ପରାଜୟ ବରଣ କରିବାକୁ ପଡିଥିଲା । ଅନ୍ୟପକ୍ଷରେ ପରାଜୟ ବରଣ ପରେ ଦଳ ମଧ୍ୟରେ ବିଶୃଙ୍ଖଳା ଓ ବେଭେଦ ଦୂର କରି ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପରିବର୍ତ୍ତେ



ଏବେ ଦଳ ମଧ୍ୟରେ କନ୍ଦଳ ଆହୁରି ତୀବ୍ର ହେବାରେ ଲାଗିଛି । ଏହିପରି ଏକ ଘଟଣାକ୍ରମରେ ରବିବାର ଦିନ ସ୍ଥାନୀୟ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ଅଣଦେଖା କରାଯାଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବନ୍ଧୁମିଳନ ସଭାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପରାଜିତ ବିଜେଡି ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ, ବିଜେଡି ନାରୀ ନେତ୍ରୀ ସବିତା ମହାପାତ୍ର, ମୋନିଦୀପା ସରଖେଲ, ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ, ଅରିନ୍ଦମ ସରଖେଲ ପ୍ରମୁଖ ମଞ୍ଚ ଉପରେ ଉପସ୍ଥିତ ଥିଲେ । ତେବେ କାର୍ଯ୍ୟକ୍ରମରେ ବସନ୍ତଙ୍କ ଅନୁପସ୍ଥିତି କୁ ନେଇ ଦଳୀୟ କର୍ମୀଙ୍କ ସମେତ ସାଧାରଣରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି । ସୂଚନା ଥାଉକି ବସନ୍ତ ବିଶ୍ୱାଳଙ୍କ ବଳିଷ୍ଠ ନେତୃତ୍ୱରେ ଏଠାରେ ବିଜେଡି ତାର ସ୍ଥିତିକୁ ବେସ ମଜଭୁତ କରିପାରିଥିଲା । ଲଗାତାର ପୌର ନିର୍ବାଚନରେ ପ୍ରତ୍ୟକ୍ଷ ଭାବେ ବହୁ ଭୋଟର ଜିତି ଶ୍ରୀ ବିଶ୍ୱାଳ ପୌରାଞ୍ଚଳରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଜାତୀୟ ତଥା ରାଜ୍ୟ ସ୍ତରରେ ବେସ ପ୍ରଶଂସିତ ହେବା ସହ ପୁରସ୍କୃତ ମଧ୍ୟ ହୋଇଥିଲେ । ତେବେ ତାଙ୍କୁ ଅଣଦେଖା କରିବା ଗତ ନିର୍ବାଚନ ରେ ବିଜେଡି ଦଳ ପାଇଁ ବେସ ମହଙ୍ଗା ପଡ଼ିଥିବା ବେଳେ ଏବେ ପୁନର୍ବାର ସେହି ନୀତି ଆପଣେଇ ଦଳ ବିଲୁପ୍ତ ଅବସ୍ଥାକୁ ଆସିବାକୁ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ଜାତୀୟ ଶିକ୍ଷା ସପ୍ତାହ ପାଳନ



**ଦାନଗଦି, (ମହାଭାରତ) :** ଦାନଗଦି ବ୍ଲକ ର ସମସ୍ତ ବିଦ୍ୟାଳୟ ରେ 'ଶିକ୍ଷା ସପ୍ତାହ' କାର୍ଯ୍ୟକ୍ରମ ସପ୍ତାହ ବ୍ୟାପି ଚାଲୁଅଛି ଦାନଗଦି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ କେନ୍ଦ୍ରୀୟ ସରକାର ଙ୍କ ଦ୍ୱାରା ପ୍ରଦତ୍ତ 'ଶିକ୍ଷା ସପ୍ତାହ' କାର୍ଯ୍ୟକ୍ରମ ପାଳନ ହେଉଅଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ର ଅନ୍ତର୍ନିହିତ ଗୁଣାବଳୀ ର ବିକାଶ ସହ ମାନସିକ, ଶାରୀରିକ ଓ ସାମାଜିକ ଦକ୍ଷତାର ବିକାଶ ମଧ୍ୟ ହୋଇପାରିବ । ଏହାଦ୍ୱାରା ପିଲାମାନେ ରାଷ୍ଟ୍ରବାଦୀ ଚିନ୍ତାଧାରା ର ବିକାଶ ସହ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ଓ ସପ୍ତାହ ବ୍ୟାପି ପ୍ରତ୍ୟେକ ଦିନ ଏକ ସ୍ୱତନ୍ତ୍ର ଦିବସ ପାଳନ କରାଯାଉଅଛି ଓ ପ୍ରଥମ ଦିବସ ରେ ଶିକ୍ଷଣ ଉପକରଣ ଦିବସ, ଦ୍ୱିତୀୟ ଦିବସ ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ, ତୃତୀୟ ଦିବସରେ କ୍ରୀଡା ଦିବସ, ଚତୁର୍ଥ ଦିବସ ରେ ସାଂସ୍କୃତିକ ଦିବସ, ପଞ୍ଚମ ଦିବସରେ ଦକ୍ଷତା ଓ ପ୍ରଯୁକ୍ତି ବିଦ୍ୟା ଦିବସ, ଷଷ୍ଠ ଦିବସ ରେ ବିଦ୍ୟାଳୟ ପୋଷକ ଓ ସବୁଜ ବାହିନୀ ଦିବସ ଓ କାର୍ଯ୍ୟକ୍ରମର ଅନ୍ତିମ ଦିବସକୁ ଗୋଷ୍ଠୀ ଜଡିତ ତଥା ତିଥି ଭୋଜନ ଦିବସ ପାଳନ କରିବାପାଇଁ ଧାର୍ଯ୍ୟ କରାଯାଇଛି ଓ ସେହି ଅନୁଯାଇ ଦାନଗଦି ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଚାଲୁରହିଛି ଓ ଶନିବାର ଏହି ଶିକ୍ଷା ସପ୍ତାହ ଦାନଗଦି ବ୍ଲକ ର ନଛିପୁରକ୍ଷ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପାଳନ କରାଯାଇଛି ଏହି କାର୍ଯହକ୍ରମରେ ସମସ୍ତ ଛାତ୍ର ଛାତ୍ରୀ ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ବିଜୟା ଜେନା ସହଯୋଗ କରିଥିଲେ ।

### ଦୁବକଣ ଗ୍ରାମରେ ସରକାରୀ ଯାଗା ଜବରଦଖଲ କରିବା ଘଟଣା

## ସରକାରୀ ଚାକିରିଆ ହୋଇ ସରକାରୀ ନିୟମର ଖୋଲା ଉଲଂଘନ

**ଦଶରଥପୁର,(ମହାଭାରତ) :** ନିୟମ ଅନୁଯାଇ କୌଣସି ବ୍ୟକ୍ତି ସରକାରୀ ଜମି ବା ଜାଗାକୁ ଜବର ଦଖଲ କରି ପାରିବେ ନାହିଁ । ସେହିପରି ଯେଉଁ ବ୍ୟକ୍ତି ବା ଅନୁଷ୍ଠାନ ଜଦି ସରକାରୀ ଜାଗାକୁ ଜବର ଦଖଲ କରି ରଖିଥାନ୍ତି ତାହେଲେ ସେଗୁଡିକୁ ଜବର ଦଖଲ ମୁକ୍ତ କରିବା ପାଇଁ ରାଜ୍ୟରେ ଆସିଥିବା ନୂଆ ସରକାରର ନୂଆ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଏହାରି ଭିତରେ ଜିଲ୍ଲାର ଅନେକ ସ୍ଥାନରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଏପରି ସ୍ଥଳେ ଦୁଇ ଭାଇ ସରକାରୀ ଚାକିରିଆ ହୋଇ ଥିବା ବେଳେ ସରକାରୀ ଜାଗାକୁ ଜବର ଦଖଲ କରି ରଖିବା ଭଳି ଘଟଣାକୁ ନେଇ ଏବେ ସାରା ବ୍ଲକରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଗ୍ରାମର ଥିବା ଏକ ଗୋଚର ଜମି ଖାତା ନମ୍ବର ୧୪୧୮ ଖସଡ଼ା ନମ୍ବର ୬୨୬ କୁ ଦୁବକଣ ଗ୍ରାମର ଭିକାରି ଯେନାଙ୍କ ଦୁଇ ପୁଅ ସରୋଜ କୁମାର ଯେନା ଓ ଅଜୟ ଯେନା ଜବର ଦଖଲ କରି ରଖିବା ସହ ଉକ୍ତ ଯାଗାରେ ଏକ ରୋଷେଇ ଘର କରିବା ସହ ବାଡ଼ ବୁଜି ଅବରୋଧ କରିଥିବା ନେଇ ଗ୍ରାମବାସୀ ମାନଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳ ଓ ଦଶରଥପୁର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ମାନଙ୍କ ପକ୍ଷରୁ ଭୁବନାନନ୍ଦ ନାୟକ, ପ୍ରଭାତ କୁମାର ନାୟକ, ସୁଶାର ନାୟକ, ଜଳଧର ଯେନା,ବିଦ୍ୟଧର ସେଠି, ସୁନାକର ବାରିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଯାଜପୁର ଜିଲ୍ଲାପାଳ ତୁରନ୍ତ ଉକ୍ତ ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ଦଶରଥପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୬-୧-୨୧ ମସିହା ଦିନ ଦଶରଥପୁର ତହସିଲଦାର ମଙ୍ଗଳପୁର ପୋଲିସ ସହାୟତାରେ ମାପ କରିବା ସହ ଜବରଦଖଲ ଉଚ୍ଛେଦ କରିଥିଲେ । ମାତ୍ର ସରକାରୀ ଜାଗାକୁ ନିଜ ଦଖଲରେ ରଖିବା ମୋହରେ ଅନ୍ଧ ହୋଇ ପୁନର୍ବାର ଉକ୍ତ ଜାଗାକୁ ଜବରଦଖଲ କରିବା ସହ ପୁନର୍ବାର ବାଡ଼ ବୁଜି ଅବରୋଧ କରିବା ଘଟଣାକୁ ନେଇ ଗ୍ରାମବାସୀ ମାନେ ପୁନର୍ବାର ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାପରେ ଜିଲ୍ଲାପାଳ ତୁରନ୍ତ ଉକ୍ତ ଜାଗାରୁ ବେଆଇନ ଜବର ଦଖଲ ଉଚ୍ଛେଦ କରିବା ପାଇଁ ଦଶରଥପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ବିକ୍ରମ ପରିଡା ଜବରଦଖଲ କରିଥିବା ଦୁଇଭାଇଙ୍କ ନାମରେ ୨୩-୭-୨୪ ରିଖରେ ଏନକ୍ଲୋଜ ମେଣ୍ଟ କେଶ ବୁକ କରିବା ସହ ଚିଠି ନମ୍ବର ୪୧/୨୪-୨୫ ରେ ସରୋଜ କୁମାର ଯେନା ଓ ଚିଠି ନମ୍ବର ୪୨/ ୨୪-୨୫ ରେ ଅଜୟ କୁମାର ଯେନାଙ୍କୁ ନୋଟିସ କରିବା ସହ ୨୬-୭-୨୪ ରିଖ ଦିବା ୧୧ ଘଟିକା ସମୟରେ ତହସିଲଦାରଙ୍କ କୋଟରେ ହାଜର ହେବା ପାଇଁ ନୋଟିସ କରିଥିଲେ । ୨୬ ତାରିଖ ଦିନ ଦୁଇ ଭାଇ ସରୋଜ ଓ ଅଜୟ ତହସିଲଦାରଙ୍କ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିବା ସହ ଆମେ ସେ ଯାଗା ଛାଡ଼ିବୁ ନାହିଁ ବୋଲି କହିଥିଲେ । ଆଉ ଜଦି ଯାଗା ଛାଡ଼ିବୁ ତାହେଲେ ଆମେ ଅଭିଯୋଗ କାରିମାନଙ୍କର ମୁଣ୍ଡ ନେବୁ ବୋଲି ସିଧା ସିଧା ତହସିଲଦାରଙ୍କ ସମ୍ମୁଖରେ ଗ୍ରାମବାସୀ ମାନଙ୍କୁ ଧମକ ଦେଇଥିଲେ । ୨୬ ତାରିଖ ଦିନ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦେବଦତ୍ତ ନାୟକ, ସୁରଜ ମଲ୍ଲିକ, ଧନେଶ୍ୱର ମଲ୍ଲିକ, କବିତା ମଲ୍ଲିକ, ସରସ୍ୱତୀ ମଲ୍ଲିକ, ପ୍ରମିଳା ମଲ୍ଲିକ ପ୍ରମୁଖ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଶୁଣାଣି ପାଇଁ ଯାଇଥିବା ବେଳେ ସରୋଜ ଗ୍ରାମବାସୀ ମାନଙ୍କୁ ତହସିଲଦାରଙ୍କ ଆଗରେ ଖୋଲା ଖୋଲି ଭାବେ ଗ୍ରାମବାସୀ ମାନଙ୍କୁ ଧମକ ଦେବା ସହ ଗ୍ରାମବାସୀ ମାନଙ୍କର ମୁଣ୍ଡ ହାଣିବା ନେଇ କହିଥିଲେ । ଏହାପରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଭବିଷ୍ୟତରେ ଜଦି ଗ୍ରାମବାସୀ ମାନଙ୍କ ମଧ୍ୟରୁ କାହାର କିଛି କ୍ଷତି ହୁଏ ଏଥିପାଇଁ ଜବରଦଖଲ କାରି ସରୋଜ କୁମାର ଯେନା ଓ ଅଜୟ କୁମାର ଯେନା ଦାଇ ରହିବେ ବୋଲି ଗ୍ରାମବାସୀ ମାନେ କହିବା ସହ ଏହି ଘଟଣାର ତଦନ୍ତ କରି ଯାଜପୁର ଜିଲ୍ଲାପାଳ, ଯାଜପୁର ଏସପି ଓ ଦଶରଥପୁର ତହସିଲଦାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି । ସୂଚନା ମୁତାବକ ସରୋଜ କୁମାର ଯେନା କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ଅଜୟ ଯେନା ଦୁବକଣ ଜୟଚଣ୍ଡୀ ଉଚ୍ଚତର ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଦୁଇଜଣ ସରକାରୀ ଚାକିରିଆ ହୋଇ ସରକାରୀ ନିୟମର ଖୋଲା ଖୋଲି ଉଲ୍ଲଙ୍ଘନ କରିବା ଘଟଣା ଏବେ ସମଗ୍ର ବ୍ଲକରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ସେହିପରି ଏଠାରେ ପ୍ରକାଶ ଥାଉକି ଉକ୍ତ ପ୍ଲଟକୁ ଲାଗି ସରୋଜ ଓ ଅଜୟଙ୍କର ନିଜ ଘର ରହିଥିବା ବେଳେ ଉକ୍ତ ଘରଟି ମଧ୍ୟ ସରକାରୀ ଯାଗା ଉପରେ ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ତଦନ୍ତ ପରେ ସବୁ ସତ ପଦାକୁ ଆସିବ ବୋଲି ଦଶରଥପୁର ତହସିଲଦାର ବିକ୍ରମ ପରିଡା କହିଛନ୍ତି ।ସରୋଜଙ୍କର ଏଭଳି ଖୋଲା ଖୋଲି ଧମକ ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି ।




## ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ରେଡିଓ କାର୍ଯ୍ୟକ୍ରମ

**ପାରାଦୀପ,(ମହାଭାରତ) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ୧୧୨ ତମ ଚର୍ଚ୍ଚିତ ରେଡ଼ିଓ କାର୍ଯ୍ୟକ୍ରମ ସାରା ଦେଶରେ ରବିବାର ଦିନ ପ୍ରସାରିତ ହୋଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ବିଜେପି ପକ୍ଷରୁ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଏହାର ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଧାନମନ୍ତ୍ରୀ ଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିବା ସହିତ ଉପସ୍ଥିତ ବିଜେପି କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ପାରାଦୀପ ନଗର ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ମନ୍ତ୍ରୀ ଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହଙ୍କ ସମେତ ବହୁ ସ୍ଥାନୀୟ ବିଜେପି ନେତା ଓ ନେତ୍ରୀ ଏବଂ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ଶୁଣିଥିଲେ । ସୂଚନା ଥାଉକି ରାଜ୍ୟ ମନ୍ତ୍ରୀ ମଣ୍ଡଳର ଗୁରୁଦାୟିତ୍ୱ ବହନ କରି କାର୍ଯ୍ୟ ବ୍ୟସ୍ତତା ସତ୍ୱେ ଶ୍ରୀ ସ୍ୱାଇଁ ନିୟମିତ ଅନ୍ତରରେ ନିର୍ବାଚନ ମଣ୍ଡଳୀ ଗସ୍ତ କରି ଲୋକ ମାନଙ୍କ ସମସ୍ୟା ସମାଧାନ ଦିଗରେ ତାଙ୍କର ପ୍ରୟାସ ଜାରି ରଖିଛନ୍ତି । ଯାହା ନିର୍ବାଚନ ମଣ୍ଡଳୀ ସମେତ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ।



## ରାଜ୍ୟ ନାରକୋଟିକ ଟିମର ଚଢ଼ଉ ୧୬କେଜି ଗଞ୍ଜେଇ ସହ ୨ ଗିରଫ

**ଆସିକା,(ମହାଭାରତ) :** ରାଜ୍ୟ ନିଶାଦ୍ରବ୍ୟ ନିୟଂତ୍ରଣ ବ୍ୟୁରୋ ଦ୍ୱାରା ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ୧୬କେ ଜି ଗଞ୍ଜେଇ ସହ ୨ ଗିରଫ କରିଛନ୍ତି ଏନ ସି ବି ବିଭାଗୀୟ ଅଧିକାରୀ । ରାଜ୍ୟ ନାରକୋଟିକ ବିଭାଗ ର ଏକ ୫ ଜଣିଆ ଟିମ ପୂର୍ବରୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତ କାଲି ରାତି ପ୍ରାୟ ୨.୧୦ ଟା ସମୟରେ ଫୁଲବାଣୀ ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହି ବସକୁ ଆସିକା ଥାନା ନଳବଣ୍ଟା ପଞ୍ଚାୟତ ନଳବଣ୍ଟା ବ୍ରିଜ ନିକଟରେ ଅଟକାଇ ଖାନ ତଲାସି କଲାବେଳେ ଗାଡିର ୨୧ଓ ୨୨ ନମ୍ବର ସିଟରେ ବସିଥିବା କେରଳ ଦୁଇଜଣ ଯୁବକଙ୍କୁ ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୧୬ କେଜି ଗଞ୍ଜେଇ ଜବତ କରି ଗିରଫ କରିଥିଲେ । ଗିରଫ ଦୁଇଜଣ ହେଲେ କେରଳ ରାଜ୍ୟର ଫିଲତୋଷ ଓ ଅରୁଣ ପ୍ରକାଶ ଏମାନେ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ନେଇ କେରଳ ଯାଉଥିବା ସୂଚନା ରହିଛି । ଆଜି ଏହି ଗିରଫ ଦୁଇଜଣଙ୍କ ଡାକ୍ତରୀ ପରୀକ୍ଷା କରି କୋର୍ଟ ରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇଦିଆଯାଇଛି । ପ୍ରକାଶ ଥାଉକି ଓଡ଼ିଶାର ଫୁଲବାଣି, ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ପ୍ରତେକ ଦିନ ବିଭିନ୍ନ ବସ ମାଧ୍ୟମରେ ଚୋରା ଚାଲାଣ ହେଉଥିବାର ନଜିର ରହିଛି ।

## ସୁର ରାଉତରାୟ ବିରୋଧରେ ଥାନାରେ ଅଭିଯୋଗ

**ପାଟଣାଗଡ,(ମହାଭାରତ) :** ସୁର ରାଉତରାୟ ଗତ ତା. ୨୭/୦୭/୨୦୨୪ ରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟାରେ ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂ ବରିହାଙ୍କୁ ଅସମ୍ମାନ ଅପମାନ ଓ ତାଚ୍ଛଲ୍ୟ କରି ମାଧବ ସିଂ କେଉଁ ରାଜ୍ୟର ଆମେ ଜାଣି ନାହୁଁ, ସେ କେଉଁଠି, ସେ କିଏ ବୋଲି ପ୍ରତିକ୍ରିୟା ଦେଇଛନ୍ତି । ଭାରତ ସ୍ୱାଧୀନତା ସଂଗ୍ରାମରେ ସହିଦ ମାଧୋ ସିଂ ବରିହା ଙ୍କର ପରିବାରର ସହିଦ ଐରୀ ସିଂ ବରିହା, ହଟେ ସିଂ ବରିହା, କୁଞ୍ଜଲ ସିଂ ବରିହା ତାଙ୍କର ଜ୍ୱାଇଁ ନାରାୟଣ ସିଂ ବରିହା, ନାତି ଗୋବିନ୍ଦ ସିଂ ବରିହା ନିଜର ଜୀବନକୁ ଜଳାଞ୍ଜଳି ଦେଇଦେଲେ । ମାଧୋ ସିଂ ଙ୍କ ଭଳିଆ ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏ ଭଳି ମନ୍ତବ୍ୟ ଦେବା ସମଗ୍ର ଆଦିବାସୀ ସମାଜ ତଥା ଦେଶ ପାଇଁ ଅସମ୍ମାନ ହାନି ଘଟିଛି । ସୁର ରାଉତରାୟ ଙ୍କୁ ଦେଶ ଦ୍ରୋହୀ ଘୋଷଣା କରି ଦେଶଦ୍ରୋହ ମାମଲାରେ ଶୀଘ୍ର ଗିରଫ କରିବା ପାଇଁ ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ପାଟଣାଗଡ଼ ଥାନାକୁ ଯାଇ ଥାନାଧିକାରୀଙ୍କ ଜରିଆରେ ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଅଭିଯୋଗ କରା ଯାଇଥିଲା । ଥାନାଧିକାରୀଙ୍କ ଅନୁପସ୍ଥିତିରେ ଏ. ଏସ. ଆଇ ହୃଦୟ ନନ୍ଦ ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲା । ସୁର ରାଉତରାୟଙ୍କୁ ଗିରଫ ନ କଲେ ଆଗାମୀ ଦିନରେ ରାଜ୍ୟବ୍ୟାପି ଆନ୍ଦୋଳନ କରା ଯିବା କୁ ସଂଘ ଚେତାବନୀ ଦେଇଛି । ଆଜିର ଦାବିପତ୍ର ଦେବା ସମୟରେ ଗୌରୀ ଶଙ୍କର ବରିହା, ଚୂଡ଼ାମଣି ଧରୁଆ, କୃଷ୍ଣ ଧରୁଆ, ମଦନ ମାଝୀ, ପିଣ୍ଟୁ ବୁଡ଼େକ, ଚୂଡ଼ାମଣି ଧରୁଆ ( ଖ ) ହୃଷିକେଶ ଭୋଇ, ରଞ୍ଜିତ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ଥିଲେ ।



## ଜାଲ କାଗଜପତ୍ରରେ ଏସଟି ଏସସି ଜମି ହଡପ ଅଭିଯୋଗ

**ଜୁନାଗଡ଼,(ମହାଭାରତ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ସହ ଏକ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ସହର ଜାତୀୟ ରାଜପଥ ଓ ରେଳପଥ ସଂଯୋଗ ହୋଇ ଅନ୍ତରାଜ୍ୟ ପାଇଁ ଯୋଗାଯୋଗ ବ୍ୟବସ୍ଥା ସଠିକ ଥିବାରୁ ଏହି ସହର ସମେତ ଆଖପାଖ ଅଞ୍ଚଳର ଜମି ମୂଲ୍ୟ ଜିଲ୍ଲାରେ ସର୍ବାଧିକ। ଏହାକୁ ଆଧାର କରି ଜୁନାଗଡର ଜୈନିକ ଅଗ୍ରୱାଲ ସଙ୍ଗିଆ ଧାରୀ ଜମି ମାଫିଆ ସତୁରୀରୁ ଉର୍ଦ୍ଧ ପ୍ଲଟ କିଣିଥିବା ଜଣାଯାଏ। ଏଥିରୁ ଅଧିକାଂଶ ପ୍ଲଟ ଧାରା ୨୨(କ) ରେ ପରମିଶନ କରିଛି, ଯହିଁରୁ ଅନ୍ୟୁନ୍ୟ ତିରିଶ ପ୍ଲଟ, ଉପଜିଲ୍ଲାପାଳଙ୍କ ଜାଲ ଦସ୍ତଖତ ଓ ନିଜଦ୍ୱାରା ପ୍ରସ୍ତୁତ ଜାଲ ସିଲମୋହର ବ୍ୟବହାର କରି ଜାଲିଆତି କରିଥିବା ଆଲୋଚନା ଏବେ ସହର ମଧ୍ୟରେ ଚାଲିଛି ।ଅନେକ ମୃତ୍ୟୁ ପରମ ପତ୍ର, ନ୍ୟାୟିକ ଉତ୍ତରାଧିକାରୀ ପ୍ରମାଣପତ୍ରନିଜେ ଜାଲିଆତି କରି ତିଆରି କରୁଥିବା ଶୁଣାଯାଏ ।ଜୁନାଗଡ଼ ସହରର ହିଂଜିଲିବାହିଲି, ବନମାଲିପୁର, ଅଂଲାଭଟା, କୁରୁଗୁଡା, ଭାଇରିଗୁଡା ପଳାସ ଆଦି ଅଂଚଳର ବହୁ ମୂଲ୍ୟବାନ ଜମିକୁ ନିଜେ କିମ୍ବା ନିଜ ହାତବାରିସୀ ସାଜିଥିବା ଅନୁସୂଚିତ ଜାତି ଓ ଜନଜାତି ଅନୁଗତଙ୍କ ନାମରେ କିଣି, କୋଟି କୋଟି ଟଙ୍କାରେ ବିକ୍ରି କରୁଛନ୍ତି। ଚତୁରତାର ସହ ହିଂଜିଲିବାହିଲିର ଏ ୦.୩୮ ଡି, ଭାଇରିଗୁଡା ର ଏ ୧.୫୮ ଡ଼ି ଜମିକୁ ଜୈନିକ ମାଫିଆ ନିଜ ଓ ନିଜ ବାପାଙ୍କ ନାମରେ କରିଛନ୍ତି ।ବାରମ୍ବାର ନିଜ ଅନୁଗତଙ୍କ ନାମରେ ଅନେକ ଅନୁମତି ନିର୍ଦ୍ଧାରିତ ଜମିକୁ କିପରି ନିଜ ଓ ନିଜ ଅନୁଗତ ମାନଙ୍କ ଦ୍ୱାର କିପରି କିଣୁଛି ତାହା ତଦନ୍ତ ସାପେକ୍ଷ ।ବିଗତ ଦିନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜମି ହଡପ ବିଷୟ ଗଣମାଧ୍ୟମରେ ବିସ୍ତୃତ ଭାବରେ ପ୍ରକାଶ ପାଇଥିବା ଯୋଗୁଁ ପ୍ରଶାସନର ଦୃଷ୍ଟିକୁ ଆସିଛି ଓ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନେକ ବେଆଇନ କାର୍ଯ୍ୟକଳାପ ସମାନକୁ ଆସି ସେ ଆଇନ ଦ୍ୱାରା ବନ୍ଧାହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ପରିପର୍ତନ ସରକାରଙ୍କ ପଦକ୍ଷେପ ସ୍ୱରୂପ ଏକ ଆରଡିସି ସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।




## କାଦୁଅରେ ଗାଁ ଲୋକେ ଠିକାଦାର ଓ ଯନ୍ତ୍ରୀ ମାଲେମାଲ

**ହାଟଡିହି,(ମହାଭାରତ) :** ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ରେ ରାସ୍ତା ଗୁଡ଼ିକର ଉନ୍ନତି କରଣ ପାଇଁ ସରକାର କେତେକ ଗ୍ରାମାଞ୍ଚଳ ରାସ୍ତା କୁ ପ୍ରଧାନ ମନ୍ତ୍ରୀ ସଡକ ଯୋଜନା ରେ ପକା ରାସ୍ତା ଯୋଗାଇ ଦେଉ ଛନ୍ତି । ସେହି ରାସ୍ତା ଯଦି ପାଞ୍ଚ ଲକ୍ଷ ଟଙ୍କା ରୁ ଅଧିକ ଖର୍ଚ୍ଚ ହୁଏ ତାହାଲେ ସରକାର ସେହି ରାସ୍ତାକୁ ଟେଣ୍ଡର ଆହ୍ୱାନ କରି ଏ କ୍ଲାସ ଠିକାଦାର ମାନଙ୍କୁ ରାସ୍ତା ଠିକ୍ ଭାବରେ କରିବାକୁ ସିକୃତୀ ପୁର୍ବକ ଚୁକ୍ତି ନାମା ଗ୍ରହଣ କରିଥାନ୍ତି । ଯାହାକୁ ବିଭାଗୀୟ ଅଧିକାରୀ ମାନେ ତଦାରଖ କରି ଥାଆନ୍ତି । ଏହି କାମ କୁ ଦାୟିତ୍ୱ ଯନ୍ତ୍ରୀ ଙ୍କୁ ପ୍ରଦାନ କରା ଯାଇ ଥାଏ ଦେଖା ଶୁଣା କରିବା ନିମନ୍ତେ । କିନ୍ତୁ ଦୁଃଖ ର ବିଷୟ ହାଟଡିହି ବ୍ଲକର ମୁଖ୍ୟ ପଞ୍ଚାୟତ କୁହାଯାଉଥିବା ହାଟଡିହି ପଞ୍ଚାୟତ ରେ ଏବେ ଦେଖିବାକୁ ମିଳିଛି କିଛି ଯନ୍ତ୍ରୀଙ୍କ ଅବହେଳାର ପ୍ରକୃତ ଉଦାହରଣ । ଉକ୍ତ ରାସ୍ତା ଟି ହାଟଡିହି ନୋଡାଲ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇ କପୁଣ୍ଡି ଗାଁ କୁ ସଂଯୋଗ ହୋଇଥିବା ବେଳେ କାମ ଆରମ୍ଭ ରୁ ହିଁ ରାସ୍ତା ଟି ଲୋକଙ୍କ ପାଇଁ ମରଣ ଜନ୍ତା ସାଜିଛି । ଯାହାକି ପ୍ରତି ଦିନ ସେହି ରାସ୍ତା ଦେଇ ସ୍କୁଲ ପିଲା ମାନେ, ଗୋପ, ଓ ହାଟଡିହି ନୋଡାଲ, ଉଚ୍ଚ ବିଦ୍ୟାଳୟ, କଲେଜ, ବାଳିକା ଉଚ ବିଦ୍ୟାଳୟ କୁ ଆସୁଥିବା ବେଳେ ପ୍ରତିଦିନ ବିଭିନ୍ନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ରାସ୍ତା ଟି ବର୍ଷା ଦିନ ଥିବାରୁ ପୁରା କାଦୁଅ ପଚ୍ ପଚ୍ , ତାହା ଛଡା ଯଦି ବର୍ଷା ହୋଇଗଲା ଉକ୍ତ ରାସ୍ତା ରେ ଚଳ ପ୍ରଚଳ କରୁଥିବା ଲୋକ ନାକେଦମ୍ ହେଉଛନ୍ତି । ଯେତେବେଳେ ଉକ୍ତ ରାସ୍ତା କାମ ଚାଲିଥିଲା ସେତେବେଳେ ବିଭାଗୀୟ ଯନ୍ତ୍ରୀ ମାନେ ବୋଲେରୋ ମଧ୍ୟରେ ବାସୀ ନାଳିପାଣି ମାରି ବିଭାଗ ରେ କାମ କରୁଥିବା ମହିଳା କର୍ମଚାରୀଙ୍କ ସାଙ୍ଗରେ ଘଣ୍ଟା ଘଣ୍ଟା ଗପି ଅଫିସ ଫେରି ଯାଉଥଲେ। କିନ୍ତୁ ରାସ୍ତା ଗୁଡ଼ିକ ବିଲ୍ କରିବା ବେଳେ ତାଙ୍କ ଭାଗ ଠିକ ଭାବେ ମିଳିଗଲେ କଥା ଶେଷ। ଯାହା ବର୍ତ୍ତମାନ ହାଟଡିହି ରୁ କପୁଣ୍ଡି ଗ୍ରାମ କୁ ଯିବା ସମ୍ଭବ ହେଉନାହିଁ । ଏପରି ରାସ୍ତା ଟିକୁ ଯନ୍ତ୍ରୀ ଙ୍କ ଅବହେଳା ଯୋଗୁଁ ଠିକାଦାର ମାନେ କେବଳ ମାଟି ପକାଇ ରାସ୍ତା ଓସାରିଆ କରିଥିବା ଚୁପ୍ ବସି ରହିଛନ୍ତି । ଏବେ ବର୍ଷା ଲାଗି ରହିଥିବାରୁ କାମ ବନ୍ଦ ରହିଛି କିନ୍ତୁ ଲୋକ ଯିବା ଆସିବା କରିବାକୁ ନାନା ହଇରାଣ ହେଉଥିବା ଦେଖିବାକୁ ମିଳୁଛି । କୌଣସି ବ୍ୟବସ୍ଥା ନଥିବା ରୁ ଲୋକେ ଠିକ୍ ଭାବରେ ରେ ପଞ୍ଚାୟତ କୁ ଆସି ନାହାନ୍ତି, ପିଲା ମାନେ ସ୍କୁଲ କଲେଜ୍ ଯାଇ ପାରୁନାହାଁନ୍ତି । ଯାହାକୁ ନେଇ ଲୋକ କ୍ଷୋଭ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଏପରି ଖରାପ କାମ ହୋଇଥିବା ବେଳେ ଯନ୍ତ୍ରୀ ଏବେ ସୁଦ୍ଧା ଉକ୍ତ ଠିକାଦାର ଙ୍କ ନାମ ରେ କୌଣସି ଅଭିଯୋଗ ଦେଇନଥିବା ବେଳେ କାହିଁକି ଚୁପ୍ ବସି ରହିଛନ୍ତି ତାହା ଏବେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି ।



## ନିମ୍ନମାନର ଓ ବିନା ସୂଚନା ଫଳକରେ ଚାଲିଛି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ

କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ କାଉଡୋଳା ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ନିର୍ମାଣ ହେଉଛି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ହେଲେ ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଛି ଯାହା ଫଳରେ ଲୋକେ କାର୍ଯ୍ୟର କୌଣସି ସୂଚନା ଜାଣି ପାରୁନାହାନ୍ତି। କାଉଡୋଳା ୨୬ନମ୍ବର ଜାତୀୟ ରାଜପଥ କଡ଼ରେ ନିର୍ମାଣ ହେଉଥିବା ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ହେଉଥିବା ସହିତ ଗ୍ରୀଷ୍ମ ଋତୁ ସମୟରେ ଉକ୍ତ ସ୍ୱାସ୍ଥ୍ୟ ଓ ଆରେଗ୍ୟ କେନ୍ଦ୍ର ନିର୍ମାଣରେ ଦିନ ଟିଏ ବି ପାଣି ଦେଇ ନଥିବା ଅଭିଯୋଗ ହେଉଛି।ଲୋକଙ୍କୁ ଭୁଆଁ ବୁଲାଇ ଘର ଠିଆ କଲେ ହେଲେ କେତେ ଦିନ ଏହାର ସ୍ଥାୟୀତ୍ୱ ରହିବ ଓ ମୁଖ୍ୟ ରାଜପଥ ଉପର ନିର୍ମାଣ କରୁଥିବା କାର୍ଯ୍ୟରେ ଏମିତି ତ ବାକି ଜାଗାରେ କେମିତି କାର୍ଯ୍ୟ ହେଉଥିବ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ସହକାରୀ ଯନ୍ତ୍ରୀ ଙ୍କୁ ଦୀର୍ଘ ସମୟ ଧରି ଫୋନ କଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା । ଏଣୁ ପ୍ରଶାସନ ଦୃଷ୍ଟି ଦେବାପାଇଁ ଜନସାଧାରଣ ଅଭିଯୋଗ କରିଛନ୍ତି ।

## ମାଙ୍କଡାପଥର ଖନନ ବେଳେ ମାଡ଼ି ବସିଲା ପୋଲିସ

ବେଗୁନିଆ,,(ମହାଭାରତ): ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡାପଥର ଖନନ ଦିନକୁ ଦିନ ବଢ଼ିଚାଲିଛି। ମାଫିଆମାନେ ରାତିଦିନ ଏକକରି ଶହଶହ ସଂଖ୍ୟକ ଟ୍ରକ ଓ ଟ୍ରାକ୍ଟରରେ ପଥର ଚୋରା ଚାଲାଣ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି । ସେପଟେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଅଭିଯୋଗ ସତ୍ତ୍ୱେ ପୁଲିସ ଓ ତହସିଲ ପ୍ରଶାସନ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତାଗିଦ ମିଳିଲେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଏ ଏବଂ ଛୋଟମୋଟ ମାମଲା ନତୁବା ଜରିମାନା ଆଦାୟ କରି ଅଧିକାରୀଙ୍କଠାରୁ ସାବାସୀ ନିଆଯାଏ। ଶୁକ୍ରବାର ସନ୍ଧ୍ୟାରେ ବେଗୁନିଆ ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଦେଉଳି ପଞ୍ଚାୟତ ସାମନ୍ତରାପୁର-ଗୋଡ଼ା ରାସ୍ତା ପାର୍ଶ୍ୱରେ ବେଆଇନ ଭାବେପାୱାର ଟିଲର ସହାୟତାରେ ମାଙ୍କଡାପଥର କଟାଯାଉଥିବା ଶବ୍ଦ ଶୁଣି ପୁଲିସ ଖଣି ଉପରେ ଚଢ଼ଉ କରିଥିଲା ଚଢ଼ଉ ଦେଖି ଖଣି ମାଫିଆ ଫେରାର ହୋଇଯାଇଥିଲେ। ପୁଲିସ ପାୱାର ଟିଲର ଜବତ କରି ଥାନାକୁ ଆଣିଥିବା ବେଳେ ୧୯୯/୨୪ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ଚାଷ ପାଇଁ କୃଷିବିଭାଗ ପକ୍ଷରୁ ରିଆତି ଦରରେ ମିଳିଥିବା ପାୱାରଟିଲରକୁ ମାଙ୍କଡା ପଥର ଖନନ କାର୍ଯ୍ୟରେ ଲଗାଯାଉଛି । କୃଷି ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ରିଆତିରେ ପାୱାରଟିଲର ନେଇଥିବା ଚାଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହେଉଛି।

## ପିକ୍ଅପ୍ ଭ୍ୟାନ ସହ ୧୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ: କନ୍ଧମାଳ ଜିଲା ଫିରିଙ୍ଗିଆ ପୁଲିସ ଏକ ବୋଲେରୋ ପିକ୍ଅପ୍ ଭ୍ୟାନରେ ଯାଉଥିବା ୧୩ କେଜି ଗଞ୍ଜେଇକୁ ଜବତ କରିଛି। ଏଥିସହ ଏହି ଘଟଣାରେ ଜଣେ ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଗଞ୍ଜେଇ ମାଫିଆ ଜଣକ ନୟାଗଡ଼ ଜିଲା ନୂଆଗାଁ ଥାନା ଅଚୁପଡା ଗାଁର ଶ୍ୟାମସୁନ୍ଦର ବେହେରା ବୋଲି ଜଣାପଡ଼ିଛି। ଶ୍ୟାମ ସୁନ୍ଦର ରିତିମତ ଭାବରେ ନୟାଗଡ଼ ଅଞ୍ଚଳରୁ କାଠ ତିଆରି ସାମଗ୍ରୀ ବିକ୍ରି କରିବା ବାହାନାରେ ଆସି କନ୍ଧମାଳ ଅଞ୍ଚଳରୁ ନୟାଗଡ଼ ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୁଲିସର ସୂଚନା ଅନୁସାରେ, ଶନିବାର ଦିନ ପ୍ରାୟ ୨ଟା ସମୟରେ ଫିରିଙ୍ଗିଆ ପୁଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଡିଣ୍ଡିରାଗାଁ ନିକଟରେ ଗାଡିଟିକୁ ଧରିବାରେ ସଫଳ ହୋଇଥିଲେ। ଅନ୍ୟପଟେ ରବିବାର ଏହି ଘଟଣାରେ ଫିରିଙ୍ଗିଆ ପୁଲିସ ୧୫୬/୨୪ରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇ ଓ ଗାଡି ସହ ଗଞ୍ଜେଇ ମାଫିଆକୁ କୋର୍ଟ ଚାଲାଣ କରିଥିବା ଥାନାରେ କାର୍ଯ୍ୟରତ ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

## କେନ୍ଦ୍ର କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀଙ୍କ ନାଲକୋ ପରିଦର୍ଶନ



ଅନୁଗୋଳ (ମହାଭାରତ): ଦୁଇଦିନିଆ ଓଡିଶା ଗସ୍ତରେ ଆସିଥିବା ଅବସରରେ କେନ୍ଦ୍ର କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଆଜି ଅନୁଗୁଳସ୍ଥିତ ନାଲକୋ ପରିଦର୍ଶନ କରିଥିଲେ । ଅନୁଗୁଳ ନାଲକୋ ଅତିଥି ଭବନରେ ପହଞ୍ଚିବା ପରେ ସେଠାରେ ସି. ଆଇ . ଏସ୍ .ଏଫ୍. ତରଫରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ଅତିଥି ଭବନରେ ଶ୍ରମିକମାନଙ୍କର କି କି ଅସୁବିଧା ଅଛି, ତାହା ଉପରେ ବିଭିନ୍ନ ଶ୍ରମିକ ସଂଗଠନର ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ । ସ୍ଥାନୀୟ ଲୋକଙ୍କ ସମସ୍ୟା ଉପରେ 'ନାଲକୋ' ଧ୍ୟାନ ଦେଉଛି କି ନାହିଁ ସେ ନେଇ ବିଭିନ୍ନ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ପରେ ମନ୍ତ୍ରୀ ସ୍ମେଲ୍ଟର ପ୍ଲାଣ୍ଟ ସହ ସିପିପି ପରିଦର୍ଶନ କରିଥିଲେ । ପ୍ଲାଣ୍ଟରେ କାର୍ଯ୍ୟ ସଠିକ ଢ଼ଙ୍ଗରେ ଚାଲୁଥିବା ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ନାଲକୋର ସମ୍ପ୍ରସାରଣ ନେଇ ସୂଚନା ଦେଇଥିଲେ । ଏହି ପରିଦର୍ଶନ ସମୟରେ ନାଲକୋ ସି .ଏମ .ଡି. ଏବଂ ଅନୁଗୁଳ ବିଧାୟକ ପ୍ରତାପ ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ନାଲକୋ ସି .ଏମ .ଡି. ଉତ୍ପାଦନ କ୍ଷମତା ଦୁଇ ଗୁଣ ବଢ଼ାଯିବା ନେଇ କାର୍ଯ୍ୟ ଚାଲୁଥିବା କହିଥିଲେ ।ଯାହାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ସଂପ୍ରସାରଣ ପାଇଁ ବୋର୍ଡ ଆପ୍ରୁଭାଲ ମିଳିସାରିଛି ।

# ଖାଲି ପଡିଥିବା ପଦ ପୂରଣ ନହେଲେ ପଡିବ ତାଲା

କେନ୍ଦୁଝରଗଡ଼: ଆଦିବାସୀ ଅଧ୍ୟୁଷିତ ବଣପାହାଡଘେରା ହରିଚନ୍ଦନପୁର ବ୍ଲକ ରେବଣାପଳାଶପାଳସ୍ଥିତ ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ମରୁଡି ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଆସୁଛି। ୧୯୮୬ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ସହ ୫-ଟି ରୂପାନ୍ତରୀତ ହୋଇ ଭିତ୍ତିଭୂମିର ବିକାଶ ହୋଇଥିଲେ ହେଁ ମାନବସମ୍ବଳର ପ୍ରକୃତ ବିକାଶ ପାଇଁ ଆବଶ୍ୟକ ଶିକ୍ଷକ ପଦ ଖାଲି ଯୋଗୁଁ ଏବେ ଏହି ବିଦ୍ୟାଳୟରେ ତାଲା ଝୁଲିବାକୁ ଯାଉଛି ।ନବମଶ୍ରେଣୀରେ ୬୫ଜଣ ଓ ଦଶମଶ୍ରେଣୀରେ ୧୨୩ଜଣ ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟକ୍ଷମ ଏହି ବିଦ୍ୟାଳୟରେ ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ହିନ୍ଦୀ ଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷାଦାନ। ମୋଟ ୮ଶିକ୍ଷକ ପଦ ମଧ୍ୟରୁ ୬ ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ ପଦ ଖାଲି ପଡିଥିବା ବେଳେ ଖାଲି ପଡିଥିବା ଶିକ୍ଷକ ପଦ ପୂରଣ ନେଇ ବିଦ୍ୟାଳୟ ପରିଚାଳନା ସମିତିର କର୍ମକର୍ତ୍ତା ଓ ମୋ ସ୍କୁଲ ଅଭିଯାନ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ନିଦାବିଷ୍ଣୁ ସାଜିବା ପରୋକ୍ଷରେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ଝୁଲିବା ନେଇ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି ।ଏହି ବିଦ୍ୟାଳୟରେ ୧୧୦ଶର୍ଯ୍ୟା ବିଶିଷ୍ଟ ଛାତ୍ରାବାସ କାର୍ଯ୍ୟକ୍ଷମ ଥିବାବେଳେ କାର୍ଯ୍ୟରତ ଦୁଇଜଣ ଶିକ୍ଷକ ଛାତ୍ରାବାସ ପରିଚାଳନା ସହ ମଧ୍ୟାହ୍ନଭୋଜନ ଦାୟିତ୍ୱ ତୁଲାଇବେ ନା ଶ୍ରେଣୀକକ୍ଷରେ ଶିକ୍ଷାଦାନ କରିବେ ସେ ନେଇ ଅନେକ ସମୟରେ କାର୍ଯ୍ୟରତ ଶିକ୍ଷକ ଦ୍ୱୟଙ୍କୁ ଅଡୁଆର ସମ୍ମୁଖୀନ ହେବାକୁ ପଡୁଛି। ଏଭଳିସ୍ଥିତିରେ ଖାଲିପଡିଥିବା ଶିକ୍ଷକ ପଦ ପୂରଣ କରାଯାଇ ଇଂରାଜୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇତିହାସ ଓ ସାହିତ୍ୟ ଆଦି ଶିକ୍ଷାଦାନକୁ ସ୍ୱାଭାବିକ କରାନଗଲେ ଖୁବ୍ ଶିଘ୍ର ବିଦ୍ୟାଳୟ ମୁଖ୍ୟଫାଟକରେ ତାଲା ପକାଇ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରହ୍ଲାଦ ସାହୁ ଓ ମୋ ସ୍କୁଲ ଅଭିଯାନ ସଭାପତି ବିଜୟ ମାଝୀ ଚେତାବନୀ ଦେଇଛନ୍ତି।

## ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ଶିକ୍ଷା ସପ୍ତାହ ପାଳନ



ପାରାଦୀପ(ମହାଭାରତ)ଷ ପାରାଦୀପ ପୌରପାଳିକା ଅନ୍ତର୍ଗତ ପାରାଦୀପ ପୋର୍ଟ ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ଶିକ୍ଷା ସପ୍ତାହ ପାଳନ ହୋଇଯାଇଅଛି। ଏହି ସପ୍ତାହଟି ବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୁଲାଇ ୨୨ ରୁ ଜୁଲାଇ ୨୮ ପର୍ଯ୍ୟନ୍ତ ଚାଲିଥିଲା ।ଏହି ସପ୍ତାହର ପ୍ରଥମ ଦିବସରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର କ୍ରିୟାକଳାପ ମାଧ୍ୟମରେ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଦ୍ୱିତୀୟ ଦିବସରେ ଛାତ୍ରଛାତ୍ରୀମାନେ ଏଫ୍.ଏଲ୍.ଏନ୍. କ୍ରିୟାକଳାପ କରିଥିଲେ ଓ ଗଳ୍ପ କଥନ, କବିତା ଆବୃତ୍ତି, ବର୍ଜ୍ୟବସ୍ତୁର ପୁନଃବ୍ୟବହାର, କ୍ଲେ ମାଧ୍ୟମରେ ଶରୀରର ମଡେଲ ପ୍ରସ୍ତୁତ ଇତ୍ୟାଦି କାର୍ଯ୍ୟକ୍ରମ ହୋଇଥିଲା । ଏହି ସପ୍ତାହର ତୃତୀୟ ଦିବସରେ ପୁପେଟ୍ ସୋ, କ୍ରୀଡ଼ା ସଂପର୍କିତ ବିଭିନ୍ନ କ୍ରିୟାକଳାପ ଯଥା: - ଖୋ ଖୋ, କବାଡ଼ି, କ୍ୟାରମ୍, ଚେସ୍ ଆଦି କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଚତୁର୍ଥ ଦିନଟିକୁ ସାଂସ୍କୃତିକ ଦିବସ ଭାବରେ ପାଳନ କରାଯାଇଥିଲା । ଏହି ଦିନରେ ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟପଦାର୍ଥ ପ୍ରଦର୍ଶନ କରାଯିବା ସହ ଟ୍ରାଇବାଲ୍ ଫ୍ଲୋକ୍ ଆର୍ଟ,ସାଂସ୍କୃତିକ କୁଇଜ୍ ଏବଂ ଶିକ୍ଷକମାନଙ୍କର ଚିତ୍ରାଙ୍କନ ପରି ଅନେକ କାର୍ଯ୍ୟକ୍ରମ କରାଯାଇଥିଲା । ପଞ୍ଚମ ଦିବସରେ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସହିତ ବୃକ୍ଷରୋପଣ, ନାଟ୍ୟାଭିନୟ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଷଷ୍ଠ ଦିନରେ ପୋଷ୍ଟର ତିଆରି , ଇକୋ କ୍ଲବ୍ ଫର୍ ମିଶନ୍ ଲାଇଫ୍ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ସପ୍ତାହର ସପ୍ତମ ତଥା ଅନ୍ତିମ ଦିବସରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ପାରାଦୀପ ସମୁଦ୍ର ବେଳାଭୂମିରେ ସାମୁହିକ ସଫେଇ କାର୍ଯ୍ୟ କରିବା ସହ ପିଲାମାନେ ପରିବେଶ ସୁରକ୍ଷା ସମ୍ପର୍କିତ ନୁକ୍କଡ଼ ନାଟକ ପ୍ରସ୍ତୁତ କରିଥିଲେ ଓ ଏହିପରି ଭାବରେ ବିଭିନ୍ନ ଅନୁସନ୍ଧାନମୂଳକ । ଗବେଷଣାତ୍ମକ କ୍ରିୟାକଳାପ ଦ୍ୱାରା ଜାତୀୟ ଶିକ୍ଷା ସପ୍ତାହଟି ସଫଳତାର ସହ ଶେଷ ହୋଇଛି । ସଂଯୋଜକ ହୃଷିକେଶ ପ୍ରଧାନ ଏବଂ ବିଦ୍ୟାଳୟର କର୍ମକର୍ତ୍ତାମାନଙ୍କ ସହଯୋଗରେ ଏହି ସପ୍ତାହଟି ସହଜ ଓ ସୁନ୍ଦର ହୋଇପାରିଥିଲା ।

## ଜିଲ୍ଲା ଶିଶୁ ସୁରକ୍ଷା ଓ ଜିଲ୍ଲା ଭିନ୍ନକ୍ଷମ ଅଧିକାରୀଙ୍କ ତରଫରୁ ସଚେତନତା ଶିବିର



ଅନୁଗୋଳ,(ମହାଭାରତ):ମାନବ ସେବା - ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ ଖଣ୍ଡହତା ତରଫରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଗ୍ରାମ କୋଠଘର ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ସମ୍ମାନୀତ ଅତିଥି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା ,ଶିଶୁ ସଂଯୋଜକ ନିତେନ୍ କୁମାର ସାମଲ , ଅଙ୍ଗକ୍ଷରବନ୍ଧ ପଞ୍ଚାୟତ ର ନାଏବ ସରପଞ୍ଚ ସୁରଥି ଶୁଳ ,ଅଙ୍ଗକ୍ଷରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ମାନଙ୍କର ସୁରକ୍ଷା,ଶିକ୍ଷା,ତଥା, ବାଲ୍ୟ ବିବାହ,ଶିଶୁ ଶ୍ରମିକ କୁ କେମିତି ରୋକାଯାଇ ପାରିବ ଓ ସେମାନେ ଯେମିତି ଶିକ୍ଷା ରୁ ବଞ୍ଚିତ ନ ହେବେ ଏବଂ ସରକାର ଙ୍କ ର ବିଭିନ୍ନ ଯୋଜନା ଗୁଡିକରେ କେମିତି ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପାରିବ ଏବଂ ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ସରକାରୀ ସହାୟତା ପ୍ରଦାନ ଓ ବିଭିନ୍ନ ଜନ କଲ୍ୟାଣ ଯୋଜନା ରେ ସମସ୍ତ ଯୋଗ୍ୟ ହିତାଧିକାରୀ ଙ୍କୁ କିପରି ସାମିଲ୍ କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ଗ୍ରାମ ର ବରିଷ୍ଠ ବ୍ୟକ୍ତି ବିଶେଷ ଅବସର ପ୍ରାପ୍ତ ଶିକ୍ଷକ ସାଧୁ ଚରଣ ପ୍ରଧାନ ,ଦୀପକ କୁମାର ପ୍ରଧାନ, ରଞ୍ଜନ କୁମାର ସାହୁ, ଯୁଧିଷ୍ଠିର ସାହୁ,ହାଡିବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମାନବ ସେବା ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ ର ସଭାପତି ସୁବ୍ରତ ବେହେରା, ଉପ ସଭାପତି ଚନ୍ଦନ କୁମାର ସାହୁ, କୋଷାଧ୍ୟକ୍ଷ ତନ୍ମୟ ବିଶ୍ୱାଳ, ସମ୍ପାଦକ ରାକେଶ ରଞ୍ଜନ ପ୍ରଧାନ, ଆଲୋକ ବେହେରା, ନବୀନ ପ୍ରଧାନ, ଲିବୁ ବେହେରା, ଲିଟୁ ଜେନା, ଦେବେନ୍ଦ୍ର ବେହେରା, ପ୍ରମୁଖ ସହଯୋଗ କରିଥିଲେ।

# କୌଶଳ ରଥ ଶୁଭାରମ୍ଭ




ଅନୁଗୋଳ,(ମହାଭାରତ):ଆଜି ପୂର୍ବାହ୍ନରେ ତାଳଚେର ସ୍ଥିତ ସରକାରୀ ଆଇ ଟି ଆଇ ଠାରେ କୌଶଳ ରଥ ଶୁଭାରମ୍ଭ ହୋଇଯାଇଛି। ଏହି ରଥ କୁ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଦେବାଶିଷ ସାହୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ତାଳଚେର ସରକାରୀ ଆଇ ଟି ଆଇ ର ଅଧକ୍ଷା ଶ୍ରୀମତୀ ଶୁଭାଙ୍ଗି ମିଶ୍ର ମଧ୍ୟ ଉପସ୍ଥିତ ଥିଲେୟ ଏହି ରଥରେ ଅଭିଜ୍ଞତା ଥିବା ପ୍ରଶିକ୍ଷକଙ୍କ ଦ୍ୱାରା ଦକ୍ଷତା ଜନିତ ପ୍ରଶିକ୍ଷଣ ଓ ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନ କରାଯିବ ସହ ଛାତ୍ରୀଛାତ୍ର ମାନଙ୍କୁ ଉଚ୍ଚ ମାନର କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ପରେ ଏହି ରଥ ତାଳଚେର ସ୍ଥିତ ଯୁବରାଜ ଉଚ୍ଚ ବିଦ୍ୟାଳୟ ଓ ଶିକ୍ଷାଞ୍ଚଳ ମହିଳା ମହାବିଦ୍ୟାଳୟ ଠାରେ ପରିଭ୍ରମଣ କରିଥିଲା। ସବୁଠି ଛାତ୍ରୀଛାତ୍ର ମାନେ କୌଶଳ ରଥ କୁ ସ୍ୱାଗତ କରିବା ସହ ଉତ୍କଣ୍ଠାର ସହ ଅତ୍ୟାଧୁନିକ କୌଶଳ ପଦ୍ଧତି ସମ୍ପର୍କରେ ପଚାରି ବୁଝିଥିଲେ।ଏହି ରଥ ଆଜିଠାରୁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ର ବିଭିନ୍ନ ସ୍ଥାନ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।

## ବାଣପୁର ତାଲୁକ ଆଇନ ସେବା ସମିତି ଓ ରୋଟାରି କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ବାଣପୁର :( ମହାଭାରତ )ଆଜି ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ଓ ତାଲୁକ ଆଇନ ସେବା ସମିତି, ବାଣପୁରର ମିଳିତ ଆନୁକୂଲ୍ୟରେ ବାଲୁଗାଁ ଅଶୋକ ନଗରସ୍ଥିତ ଉମାମହେଶ୍ୱର ବଣିକ ସଂଘ ସଭାଗୃହରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ବାଣପୁର କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଉଦଘାଟନ କରିବା ସହିତ ନିଜେ ମଧ୍ୟ ରକ୍ତ ଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ରକ୍ତ କେନ୍ଦ୍ର, ଖୋର୍ଦ୍ଧାର ଟିମ୍ ଦ୍ୱାରା ଉକ୍ତ ଶିବିରରୁ ମୋଟ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମଓା ,ଉପସଭାପତି ରାମଚନ୍ଦ୍ର ପଲେଇ, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ମହାପାତ୍ରଙ୍କ ସମେତ ଏକାଧିକ ଓକିଲ,ଗୋଦାବରୀଶ ମହାବିଦ୍ୟାଳୟର ଏନ ସି ସି କ୍ୟାଡେଟ , ଏକତା ପରିଷଦ ଟ୍ରଷ୍ଟର ସଦସ୍ୟ ଓ ରୋଟାରି କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ କୁମାର ନାୟକ,ରୋଟାରୀଆନ ନନ୍ଦ କିଶୋର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟଙ୍କ ସକ୍ରିୟ ଯୋଗଦାନ ଶିବିରକୁ ସଫଳ କରିଥିଲା । ସୂଚନା ଥାଉକି ଉକ୍ତ ଶିବିରରୁ ଏକ ୟୁନିଟ ବିରଳ ଏ ନେଗେଟିଭ ରକ୍ତ ସଂଗ୍ରହ ହୋଇଥିଲା।

## ଜନତା ହାଇସ୍କୁଲରେ ଡ.ଆମ୍ବେଦକର ଟ୍ରଷ୍ଟ ପକ୍ଷରୁ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ



ରେଙ୍ଗାଲିକ୍ୟାମ୍ପ: ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡଭଗୟ ଜନତା ହାଇସ୍କୁଲରେ ୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀରେ ପଢୁଥିବା ୩୮୧ଜଣ ପିଲାଙ୍କୁ ଡ.ଆମ୍ବେଦକର ଟ୍ରଷ୍ଟ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସାଧାରଣ ବୈଠକରେ ଟ୍ରଷ୍ଟର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସ୍ୱତନ୍ତ୍ର ସଚିବ ଲଲାଟ ଲୁହା, କେନ୍ଦୁଝରର ସ୍ୱତନ୍ତ୍ର ଉଉୟନ ଅଧିକାରୀ ଗୁଣମଣି ସୁନାନି, ଜେଏସଟି, ସିଟିଏସ ବରଗଡ଼ ର ଦୀନେଶ ବାଗ, ରାଉରକେଲା ପି ଡବ୍ଲ୍ୟୁ ଡି ର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ମନୋଜ କୁମାର ମହାନନ୍ଦ, ବରଗଡ଼ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଗୋଡଭଗା ୟୁକୋ ବ୍ୟାଙ୍କ ପ୍ରବନ୍ଧକ ଗୁରୁଚରଣ ହରିପାଲ, ସୁନ୍ଦରଗଡ଼ ମେଡ଼ିକାଲ୍ କଲେଜର ଆସୋସିଏଟ ପ୍ରଫେସର ଡୋଲାମଣି ତାଣ୍ଡି, କଳାମାଟିର ପୂର୍ବତନ ସରପଞ୍ଚ ଶ୍ରୀହରି ନାଗ, ସଭ୍ୟ ଉଦ୍ଧବ ମହାନନ୍ଦ, ପ୍ରଧାନ ଶିକ୍ଷକ ଅଦନ ସୁନା ମଞ୍ଚାସୀନ ଥିଲେ ୟଶିକ୍ଷୟିତ୍ରୀ ନନ୍ଦିନୀ ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମେ ଡଃ ଆମ୍ବେଦକର ଙ୍କ ଫଟୋଚିତ୍ର ରେ ମଞ୍ଚଆସିନ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶ୍ରୀ ଲୁହା ନିଜ ଅଭିଭାଷଣରେ ଟ୍ରଷ୍ଟର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହାପରେ ଶିକ୍ଷୟିତ୍ରୀ ରଞ୍ଜୁଲତା ମିଶ୍ରଙ୍କ ମାର୍ଗଦର୍ଶନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଡ. ଆମ୍ବେଦକରଙ୍କ ଆଦର୍ଶ ଜୀବନୀ ଉପରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ରଖି କୃତୀ ପ୍ରତିଯୋଗୀଙ୍କୁ ୬୦୦୦ ଟଙ୍କା ଅର୍ଥ ରଦି ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିଲା । ଏତଦ୍ ବ୍ୟତୀତ ବୁର୍ଲା ଇଞ୍ଜିନିୟରିଂ କଲେଜରେ ପଢୁଥିବା ଗୋଡ଼ଭଗ ର ଜଣେ ମେଧାବୀ ଛାତ୍ର ଙ୍କୁ ୧୨୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା ।ସେମାନଙ୍କୁ ମଧ୍ୟ ଟ୍ରଷ୍ଟ ପକ୍ଷରୁ ୧୩୦୦ ଟଙ୍କା ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷକ ଅଦନ ସୁନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଟର ମେସିନ୍ ରେ ବାଉଁଶ କାଟୁ ଥିବା ବେଳେ ଜଣେ ଗୁରୁତର

ଅନୁଗୋଳ,(ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମରେ କଟର ମେସିନ୍ ରେ ବାଉଁଶ କାଟୁ ଥିବା ବେଳେ ଜଣେ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି ହୋଇଛନ୍ତି । ସୂଚନା ଯେ, ଆଜି ଦିନ ୨ ଘଟିକା ବେଳେ ନୂଆହତା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା ଙ୍କ ପୁଅ ସିଲୁ ବେହେରା (୩୦) ଘର କାର୍ଯ୍ୟ ପାଇଁ କଟର ମେସିନ୍ ସାହାଯ୍ୟ ରେ ବାଉଁଶ କାଟୁ ଥିବା ବେଳେ ମେସିନ୍ ଟି ହାତ ରୁ ଖସି ଯାଇ ସିଲୁ ଙ୍କ ପେଟ ରେ ମେସିନ୍ ଚାଲି ଯାଇଥିଲା। ଯାହା ଫଳରେ ସିଲୁ ଗୁରୁତର ହୋଇ ଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକ ଉଧାର କରି ଏକ ବୋଲେରୋ ଗାଡ଼ି ସାହାଯ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରାଯାଇଥିଲା। ସିଲୁ ଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

# ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦିବ୍ୟାଙ୍ଗ ଯୁବକ ଶମ୍ଭୁନାଥ



କପ୍ତିପଦା -(ମହାଭାରତ ): କପ୍ତିପଦା - ୮୦ ପ୍ରତିଶତ ଦିବ୍ୟାଙ୍ଗ ହେଲେ ମନ ରେ ରହିଛି ଲୋକ ମାନଙ୍କ ସେବା କରିବା। ସେଥି ପାଇଁ ଏ ଦିବ୍ୟଙ୍ଗ ଯୁବକ ଉଦଳା ଅଞ୍ଚଳ ରେ ବେଶ ପରିଚିତ। ଏହି ପରି କି ସମସ୍ତ ଙ୍କୁ କରିନିଅନ୍ତି ଆପଣାର। ଉଦଳା ରେ ଏକ ଚା ଦୋକାନ କରି ନିଜେ ହୋଇଛନ୍ତି ଆତ୍ମନିର୍ଭରଶୀଳ। ଯାହାକି ଅନ୍ୟ ଦିବ୍ୟଙ୍ଗ ଙ୍କ ପାଇଁ ହୋଇଛନ୍ତି ଉଦାହରଣ। ମୟୂରଭଞ୍ଜ ଜିଲ୍ଲା ଉଦଳା ଏନଏସି ୬ ନମ୍ବର ୱାର୍ଡ ର ଏ ହେଉଛନ୍ତି ।ଶମ୍ଭୁନାଥ ସାହୁୟ ଶମ୍ଭୁନାଥ ଜଣେ ଦିବ୍ୟଙ୍ଗୟ ୮୦ ପ୍ରତିଶତ ଦିବ୍ୟଙ୍ଗ ପାଇଁ ସେ ପାଇଛନ୍ତି ପ୍ରମାଣ ପତ୍ର। ଗୋଟିଏ ଆଖି କୁ ଦେଖାଯାଉ ନଥିବା ବେଳେ ଆଉ ଏକ ଆଖି ରେ କେବଳ ୨୫ ପ୍ରତିଶତ ଦେଖି ପାରୁଛନ୍ତି ।ଜନ୍ମ ରୁ ଦିବ୍ୟଙ୍ଗ। ହେଲେ ସେ ଆଜି ସକ୍ଷମ ବୋଲି ପ୍ରମାଣିତ କରିଛନ୍ତି। ନିଜ ଭାଇ ଙ୍କ ସହାୟତା ରେ ଏକ ଚା ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରି ପାରିଛନ୍ତି। କେବଳ ଯେ ଚା ଦୋକାନ ନୁହେଁ ଅନେକ ସମୟ ରେ ଲୋକ ମାନଙ୍କର ଭତ୍ତା ଭଳି ଅନେକ ସମସ୍ୟା କୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କୁ ଯାଇ ଲୋକ ମାନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି। ଯାହାକୁ ନେଇ ଏ ଅଞ୍ଚଳରେ ଲୋକ ମାନେ ବେଶ ପ୍ରଶଂସା କରିଛନ୍ତି। ସକାଳ ହେଲେ ଶମ୍ଭୁନାଥ ଙ୍କ ଚା ଦୋକାନ ରେ ଲୋକ ଙ୍କ ଭିଡ ଲାଗିଯାଏ। ବୁଢ଼ା ଠୁ ଛୁଆ ଏହି ପରି ଯୁବକ ମାନଙ୍କୁ ସେ କରିନିଅନ୍ତି ଆପଣାର। ୮୦ ପ୍ରତିଶତ ଦିବ୍ୟଙ୍ଗ ପାଇଁ ସେ ସରକାରୀ ଯୋଜନା ରେ ପାଉଛନ୍ତି ଭତ୍ତା। କିଛି ଦିନ ପୂର୍ବରୁ ସରକାର ଦିବ୍ୟଙ୍ଗ ଙ୍କ ଭତ୍ତା ବୃଦ୍ଧି କରିଥିଲେ। ତେବେ ଏହି ଭତ୍ତା ବଢିବା ପରେ ଶମ୍ଭୁନାଥ ବଢ଼ା ଭତ୍ତା ଟଙ୍କା ରେ କିଛି ଅସହାୟ ଲୋକ ଙ୍କୁ ଆହାର ଦେଇ ସେମାନଙ୍କ ମୁହଁ ରେ ହସ ଦେଖିବା ପାଇଁ ଚିନ୍ତା କରିଥିଲେ। ଏହି କଥା ଶୁଣିବା ପରେ ଲୋକ ମାନେ ତାଙ୍କୁ ଉତ୍ସାହିତ କରିଥିଲେ। ଶମ୍ଭୁନାଥଙ୍କ ଏହିଭଳି କାର୍ଯ୍ୟଧାରାକୁ ବୁଦ୍ଧିଜୀବୀ ମାନେ ବେଶ ପ୍ରଶଂସା କରିଛନ୍ତି ।

# ଗିରଫ ହେଲେ କୁବେର ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ

**ବଲାଙ୍ଗୀର,(ମହାଭାରତ) :** ଗିରଫ ହେଲେ କୁବେର ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରେ ଶୁକ୍ରବାର ଯନ୍ତ୍ରୀ ସୁନୀଲ ରାଉତଙ୍କୁ ଗିରଫ କରିଛି ଭିଜିଲାନ୍ସ। ବଲାଙ୍ଗୀରର ଲୋୟର ସୁକ୍ତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କର ସମ୍ପତ୍ତି ତାଲିକା ଲମ୍ବିବାରେ ଲାଗିଛି। ଶୁକ୍ରବାର ସକାଳ ସୁଦ୍ଧା ଭିଜିଲାନ୍ସ ସୂଚନା ମୁତାବକ କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ ଏବଂ ଉତ୍ତରପ୍ରଦେଶ ମଥୁରାର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁଇଟି ମିଶାଇ ମୋଟ ୩୬ଟି ପ୍ଲଟ ରହିଛି। ଏଥିସହିତ ୨.୨୬ କୋଟି ଟଙ୍କା ଜମା ଆକାରରେ ଭିଜିଲାନ୍ସ ପାଇଛି। ବିଭିନ୍ନ ବୀମା କମ୍ପାନୀଗୁଡିକରେ ରାଉତ ୧.୮୬ କୋଟି ଟଙ୍କା ନିବେଶ କରିଛନ୍ତି। ତେବେ ବ୍ୟାଙ୍କରେ ୪୦.୩୯ ଲକ୍ଷ ଟଙ୍କା ଜମା ଆକାରରେ ରହିଛି। ଏପର୍ଯ୍ୟନ୍ତ ଆକଳନ କରାଯାଇଥିବା ମୋଟ ଜମା ୨୨,୦୦୦ କୋଟିରୁ ଅଧିକ ହେବ। ଏବେ ଭିଜିଲାନ୍ସ ଶେୟାର ଏବଂ ଅନ୍ୟାନ୍ୟ ଆର୍ଥିକ ଉପକରଣରେ ବିନିଯୋଗର ଅଧିକ ବିବରଣୀ ଯାଞ୍ଚ କରୁଥିବା କହିଛି ଢେଙ୍କାନାଳରର ସପ୍ତଶଯ୍ୟାରେ ୮ ଏକର ଜମିରୁ ଅଧିକ ଜମିରେ ଥିବା ଫାର୍ମ ହାଉସ ମଧ୍ୟରେ ଅପର୍ଯ୍ୟାପ୍ତ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଫାର୍ମ ହାଉସ ଭିତରେ ଦୁଇ ମହଲା ବିଶିଷ୍ଟ ଏକ ବିଳାସପୂର୍ଣ୍ଣ ଘର। ୨୧୨୩ ବର୍ଗଫୁଟର ଗୋଟିଏ କୁକୁଡ଼ା ଫାର୍ମ। ଯେଉଁଠାରେ ପ୍ରାୟ ୧୦୦୦ ସଂଖ୍ୟକ ଦେଶ କୁକୁଡ଼ା ଏବଂ ବତକ ଅଛନ୍ତି। ୨୫୫୦ ବର୍ଗଫୁଟର ଗୋଟିଏ ଗାଈ ଫର୍ମ। ଯେଉଁଠାରେ ୪୫ ଗାଈ ଏବଂ ୨୫ ବାଛୁରୀ ଅଛନ୍ତି। ତେବେ ଫାର୍ମ ହାଉସରେ ଅମାପ ସମ୍ପତ୍ତିର ଠାବ ହୋଇଥିବାରୁ ଏହି ପରିପ୍ରେକ୍ଷୀରେ ଭେଟେରାନାରୀ ଅଧିକାରୀଙ୍କ ସହାୟତା ଲୋଡିଛନ୍ତି ଭଜିଲାନ୍ସ ଅଧିକାରୀ। ତେବେ ଭିଜିଲାନ୍ସ ଅଧିକାରୀ ଯାହା ସୂଚନା ଦେଇଛନ୍ତି ମୁଖ୍ୟ ର୍ନିମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ ଲକର ଏପର୍ଯ୍ୟନ୍ତ ଖୋଲାଯାଇନାହିଁ। ତେବେ ଗୁରୁବାର ଭିଜିଲାନ୍ସର ୯ଟି ଟିମ ସୁନୀଲଙ୍କ ଘର ସମେତ ଭୁବନେଶ୍ୱର, ବଲାଙ୍ଗୀର, ପୁରୀ, ଅନୁଗୋଳ, କଟକର ୯ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ସୁନୀଲଙ୍କ କଟକ ଗୁରୁଡିଝାଟିଆସ୍ଥିତ ପୈତୃକ ଘର, ଅନୁଗୋଳ କିଶୋରନଗରସ୍ଥିତ ପୁଅଙ୍କ ଘର, ଢେଙ୍କାନାଳ ଜିଲା ସଦର ଥାନା ସପ୍ତଶଯ୍ୟା ପଡା ଗ୍ରାମରେ ଥିବା ହରେକୃଷ୍ଣ ନର୍ସରି ଓ ୮ ଏକର ବିଶିଷ୍ଟ ଫାର୍ମ ହାଉସ, ନୟାପଲ୍ଲୀସ୍ଥିତ ସମ୍ପର୍କୀୟଙ୍କ ଘର, ବଲାଙ୍ଗୀରସ୍ଥିତ ବାସଭବନ ଓ ଅଫିସ ଚାମ୍ବର ଆଦି ରହିଛି। ତେବେ ଚଢ଼ାଉ ସମୟରେ ଭିଜିଲାନ୍ସ ସୁନୀଲଙ୍କ ବିପୁଳ ସମ୍ପତ୍ତି ଠାବ କରିଛି। କଟକ, ଭୁବନେଶ୍ୱର, ପୁରୀ ଓ ଢେଙ୍କାନାଳରେ ମୋଟ ୩୪ଟି ପ୍ଲଟ ରହିଛି। ୩୪ଟି ପ୍ଲଟ ମଧ୍ୟରୁ ଭୁବନେଶ୍ୱରରେ ୫, ପୁରୀରେ ୩, କଟକରେ ୧୯ ଓ ଢେଙ୍କାନାଳରେ ୭ ପ୍ଲଟ ରହିଛି। ସେହିପରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରସ୍ଥିତ ପ୍ଲଟ ନଂ.୯୦ରେ ଥିବା ଗୋଟିଏ ୩ ମହଲା କୋଠା, ନୟାପଲ୍ଲୀ ନୀଳକଣ୍ଠ ନଗରସ୍ଥିତ ପ୍ଲଟ ନଂ. ୪୯୪ରେ ଥିବା ଗୋଟିଏ ଦୁଇ ମହଲା କୋଠା, ପୁରୀ ଜିଲା ଶ୍ରୀକ୍ଷେତ୍ର ଭକ୍ତ ନିବାସ ବ୍ଲକ-ଜେ ଗ୍ରାଉଣ୍ଡ ଫ୍ଲୋର୍‌ରେ ଥିବା ୨ ବିଏଚକେ ଫ୍ଲାଟ (ନଂ.୦୦୨), ପୁରୀ ଭିଆଇପି ରୋଡ୍‌ସ୍ଥିତ କ୍ରାଷ୍ଟାଧାମ ଆପାର୍ଟମେଣ୍ଟରେ ଏକ ୱାନ ବିଏଚକେ ଫ୍ଲାଟ (ନଂ.ସି/୧୦୪) ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ ପ୍ରୟାସ ଜାରି ରଖିଛି। ଏଥିସହ ତାଙ୍କ ଘରୁ ୨ ଲକ୍ଷ ୩୪ ହଜାର ୧୨୦ ଟଙ୍କା, ୧୭୬ ଗ୍ରାମର ସୁନା ଅଳଙ୍କାର, ୫୦୦ ଗ୍ରାମର ରୁପା ଅଳଙ୍କାର ଠାବ ହୋଇଛି। ସେହିପରି ୩୭ ଲକ୍ଷ ୩୬ ହଜାର ୫୯୭ ଟଙ୍କାର ଗୋଟିଏ ଟ୍ରକ (ଟାଟା ଏଲ୍ପିଟି), ୨ଟି ବେନାମୀ ଚାରିଚକିଆ ଯାନ (ହ୍ୟୁଣ୍ଡାଇ କ୍ରେଟା/ମହିନ୍ଦ୍ରା ଥ ?) ଓ ୪ଟି ବାଇକ ଏବଂ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣକୁ ହିସାବ କରାଯାଇଛି। ଢେଙ୍କାନାଳ ଫାର୍ମ ହାଉସରେ ଗୋଟିଏ ୨ ମହଲା ବିଶିଷ୍ଟ କୋଠାଘର ରହିଥିବାବେଳେ ସେଥିରେ ବହୁ ମୂଲ୍ୟ ଟଙ୍କାର ଜିନିଷପତ୍ର ରହିଛି। ସେହିପରି ୭୧ ଗୋରୁ ଓ ବଡ଼ କୁକୁଡା ଫାର୍ମ ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୯ ଟିମ୍ ?ରେ ୨ ଅତିରିକ୍ତ ଏସ୍ପି, ୮ ଡିଏସ୍ପି, ୬ ଇନ୍ସପେକ୍ଟର, ୧୦ ଏଏସଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଚଢ଼ାଉ ଜାରି ରହିଥିବାବେଳେ ସୁନୀଲଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସୁନୀଲ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେବ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ର୍ନିମାଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ତାଙ୍କ ସମୟରେ ଗତ ଜାନୁୟାରୀ ୩ରେ ୨୭୨୩ କୋଟି ଟଙ୍କାରେ ର୍ନିମିତ ଲୋୟର ସୁକ୍ତେଲ ପ୍ରକଳ୍ପ ଉଦ୍ଘାଟିତ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟରେ ସୁନୀଲ ଦୁର୍ନୀତି କରିଥିବା ସନ୍ଦେହ କରାଯାଉ ଥିବାରୁ ଏ ଦିଗକୁ ମଧ୍ୟ ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହେଉଛି।

### ବାଘମାରୀ-ଶୈଳେନ୍ଦ୍ରସରାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକାମ ଘଟଣା

## ପିଚୁରେ ଉଠିଥିବା ଘାସ ଉପରେ ଘାସମରା ଔଷଧ ସିଞ୍ଚନ



**ରାଜନଗର,(ମହାଭାରତ) :** ରାଜନଗର ବ୍ଲକ ବାଘମାରୀଠାରୁ ଶୈଳେନ୍ଦ୍ରସରାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଥିଲା। ଏପରିକି ନାମକୁ ମାତ୍ର ପିଚୁ ଘଷି ଦେଇ କୋଟିକୋଟି ଟଙ୍କା ଲୁଟ ହେଉଥିବା ଅଭିଯୋଗ ହୋଇଥିଲା । ଯେଉଁଠି ପିଚୁ କାମ ହୋଇଛି, ଦିନ କେତେଟା ପରେ ମାଟି ଦେଖାଯାଉଥିଲା। ମାତ୍ର ଏବେ ପିଚୁରେ ଘାସ ଉଠିଥିବା ଦେଖିବାକୁ ମିଳିଥିଲା । ପ୍ରାୟ ଅଢେଇ କିଲୋମିଟର ପିଚୁକାମ ଚାଲୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କୁ ଦେଖିବାକୁ ମିଳୁନଥିବା ଅଭିଯୋଗ ହୋଇଥିଲା। ଯାହାର ବାସ୍ତବସ୍ଥିତି ରାସ୍ତା ନିର୍ମାଣରେ ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣ ଶେଷ ନହେଉଣୁ ପିଚୁ ରାସ୍ତାରେ ଘାସ ଉଠିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା । ଏନେଇ ଗଣମାଧ୍ୟମରେ ପିଚୁ ଉପରେ ଘାସ ଉଠିଥିବା ଫଟୋ ଖବର ପ୍ରକାଶ ପାଇବା ବିଭାଗ ଚଳଚଞ୍ଚଳ ହୋଇ ଉଠିଥିଲା। ଏସଂପର୍କରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଅବଗତ ହେବା ପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ପିଚୁ ଉପରୁ ଘାସ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗ ପକ୍ଷରୁ ଯେନତେନ ପ୍ରକାରେ ପିଚୁ ରାସ୍ତାରେ ଉଠିଥିବା ଘାସକୁ ସଫାକରିବା ପାଇଁ ଘାସମରା ଔଷଧ ସ୍ପ୍ରେ କରାଯାଉଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି, ଠିକାସଂସ୍ଥା ନିଜ ମର୍ଜିରେ ନିମ୍ନମାନର କାମ କରିଥିବା ପିଚୁ ମଝିରେ ମାଟି ଦେଖା ଯାଉଥିବାରୁ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଥିଲେ। ଏହି ରାସ୍ତାକାମ କେତେ ଟଙ୍କାରେ କରାଯାଉଛି ତାର ଫଳକଟିଏ ନାହିଁ। ପ୍ରାୟ ୬କିଲୋମିଟର ଏହି ରାସ୍ତା ଉପରେ ରାଧାମାଳିପୁର, ମଂଜୁଳାପଲୀ, ଉଦ୍ୟାନ, ଖାସମୁଣ୍ଡା, ଶୈଳେନ୍ଦ୍ରସରାଇ, ଗିରିଆପାହି, ଦେଉଳସାହି, କେରୁଆଁପାଳ, ଗର୍ତ, ବନିପାଳ, ଅନନ୍ତକେଶରୀ, ସାରାଜେନ୍ଦ୍ରପୁର, ଅହିରାଜପୁର, ଜ୍ୟୋତିପ୍ରସାଦ, ଭଂଜପ୍ରସାଦ ପ୍ରଭୃତି ଗ୍ରାମ ଲୋକମାନେ ଯିବା ଆସିବା କରିଥାନ୍ତି। ରାସ୍ତା ନିର୍ମାଣ ଶେଷ ନହେଉଣୁ ଏପରି ଅବସ୍ଥା ହେଲାଣି, ବର୍ଷାପରେ ରାସ୍ତା ଅବସ୍ଥା କିପରି ହୋଇଥିବା ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।

## ଟାଙ୍ଗୀରେ ମୋଦିଙ୍କର 'ମନ୍ କି ବାତ' କାର୍ଯ୍ୟକ୍ରମ



**ଟାଙ୍ଗୀ-ଚୌଦ୍ୱାର,(ମହାଭାରତ) :** ଟାଙ୍ଗୀ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନ୍ତମନ୍ କି ବାତ୍ନ୍ତ ଓ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମୁଖ୍ୟାଳୟ କୋଟସାହି ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିନେ ଅଭିନେତା ତଥା ସାଲେପୁରର ବିଜେପି ବିଧାୟକ ପାର୍ଥ୍ଧ ଅରିନ୍ଦମ ରାୟ, କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ଯୁବ ସଙ୍ଗଠକ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବାସୁଦେବ ମଣ୍ଡପରେ ନ୍ତମନ୍ କି ବାତ୍ନ୍ତ କାର୍ଯ୍ୟକ୍ରମ ସରିବା ପରେ ଟାଙ୍ଗି ହାଟରେ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ପଣ୍ଡା କର୍ମୀ, ସଙ୍ଗଠକ ଓ ସ୍ଥାନୀୟ ବୁଦ୍ଧିଜିବୀ ମାନଙ୍କ ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କାର୍ଯକ୍ରମକୁ ବିଜେପି ମଣ୍ଡଳ ସଭାପତି ଚୌଧୁରୀ ପ୍ରସନ୍ନ ସାହୁ, କୋଟସାହି ପଞ୍ଚାୟତ ବିଜେପି ସଭାପତି ସମରେନ୍ଦ୍ର ଷଡଙ୍ଗୀ, ପୂର୍ବତନ ସଭାପତି ଦୁର୍ଗା ମାଧବ ସାହୁ,ଚିନ୍ମୟ ଷଡଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ।

## ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳିତ

**ବାରିପଦା,(ମହାଭାରତ) :** ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁଙ୍କ ଦିଗଦର୍ଶନରେ ପାଳିତ ହୋଇଯାଇଛି । ଭୋକେସନାଲ ଇନଚାର୍ଜ ଲକ୍ଷ୍ମୀନାରାୟଣ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ, ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସାଇ ପ୍ରସନ୍ନ ଦତ୍ତ ପ୍ରଥମ, ଲାବ୍ୟାନ ଦଳେଇ ଦ୍ୱିତୀୟ ଓ ଲଳିତ କୁମାର ନାୟକ ତୃତୀୟ ସ୍ଥାନ ଅଧିକାର କରି ପ୍ରଧାନ ଶିକ୍ଷକଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଆଇଟି ଶିକ୍ଷକ ଜଗନ୍ନାଥ ସୁତାର ବୃତି ଚୟନ କ୍ଷେତ୍ରରେ ଦକ୍ଷତା ଓ ଡିଜିଟାଲ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅଟୋମୋଟିଭ ଶିକ୍ଷକ ଦିଗବଜୟ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ନର୍ଲା ସପ୍ତାହିକ ବଜାରରେ ଆଳୁର ମହଙ୍ଗା ମାଡ



**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ନର୍ଲା ଆଜି ନର୍ଲା ସାପ୍ତାହିକ ବଜାର ରେ ଦେଖିବାକୁ ମିଳିଛି ଆଳୁର ମହଙ୍ଗା ମାଡ଼ । ମୁଖ୍ୟତଃ ଆଳୁ ସମସ୍ତ ଙ୍କ ଘରେ ନିତ୍ୟ ବ୍ୟବହାର୍ଯ୍ୟ ପରିବା ଭାବରେ ବ୍ୟବହାର କରିଥାନ୍ତି । ବିଶେଷ କରି ଆଳୁର ଅତ୍ୟଧିକ ଚଢ଼ାଦରର ପ୍ରଭାବ ଗରିବ ଶ୍ରେଣୀର ଲୋକଙ୍କ ହାଣ୍ଡି ଶାଳରେ ପଡୁଛି । କିଛି ଦିନ ତଳେ ପଶ୍ଚିମ ବଙ୍ଗ ରେ କୌଣସି କାରଣ କୁ ନେଇ ଧର୍ମଘଟ ହେଉଥିବାରୁ ରାଜ୍ୟ ସରକାର ଆଳୁ ପାଇଁ ଚିନ୍ତା ପ୍ରକଟ କରିଥିଲେ । କିନ୍ତୁ କାଲିଠୁ ଆଳୁ ରପ୍ତାନି ସ୍ୱାଭାବିକ ହୋଇଥିଲେ ମଧ କିଛି ଆଳୁ ହୋଲ ସେଲର ବ୍ୟବସାୟୀ ମାନେ ଏହାର ସୁଯୋଗ ନେଇ ତାଙ୍କ ଗୋଦାମରେ ମହଜୁଦ ଥିବା ଆଳୁକୁ ଚଢା ଦରରେ ଖୁଚୁରା ବ୍ୟବସାୟୀଙ୍କୁ ୧୫୦୦ ରୁ ୧୫୫୦ ଟଙ୍କାରେ ୪୫ କେଜି ବସ୍ତା କୁ ବିକ୍ରି କରାଯାଉଥିବା ଜଣେ ବ୍ୟବସାୟୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଏଣୁ ନର୍ଲା ଅଞ୍ଚଳରେ ଆଳୁର ଦର ୪୦ ରୁ ୪୫ ଟଙ୍କାରେ ଖୁଚୁରା ବ୍ୟବସାୟୀ ମାନେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷରେ ଏ ନେଇ ଯୋଗାଣ ଅଧିକାରୀ ନର୍ଲା ଙ୍କୁ ପଚାରିବାରୁ ରୁପ୍ରାରୋଡ଼ ରେ କିଛି ଆଳୁ ହୋଲ ସେଲରଙ୍କ ପାଖରୁ ଗତକାଲି ଷ୍ଟକ ଜାଞ୍ଚ ସମୟରେ କିଛି ବ୍ୟବସାୟୀଙ୍କ ପାଖରେ ଅଳ୍ପ ପରିମାଣ ର ଆଳୁ ଗଛିତ ଅଛି ଏବଂ ସମ୍ପୃକ୍ତ ବ୍ୟବସାୟୀ ମାନେ ଖୁଚୁରା ବ୍ୟବସାୟୀ ମାନଙ୍କୁ କିଲୋ ପିଛା ୩୭ ଟଙ୍କାରେ ବିକ୍ରି କରୁଥିବା ପ୍ରକାଶ କରିଛନ୍ତି । ଏଣୁ ଗରିବଙ୍କ ସ୍ୱାର୍ଥ ଦୃଷ୍ଟି ରୁ ଅହେତୁକ ଆଳୁର ଦାମ ବୃଦ୍ଧିକୁ ନେଇ ଜିଲ୍ଲା ପ୍ରଶାସନ ଧ୍ୟାନଦେବା ନିମନ୍ତେ ସାଧାରଣରେ ଦାବି ହେଉଛି ।

## ନଦୀରେ ବୁଡି ବୃଦ୍ଧ ମୃତ

**ଆସିକା,(ମହାଭାରତ) :** କୋଟିନଡ଼ା ଥାନା ଅଧିନ ପଢାଳ ଗ୍ରାମ ନିକଟ ଋଷିକୂଲ୍ୟା ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତବ୍ୟକ୍ତି ଜଣଙ୍କ ହେଲେ ପଢାଳ ହରିଜନ ସାହିର ଅରସୁଲୁ ନାହାକ (୬୦) ହୋଇଥିବା ଜଣାପଡିଛି । ଅରସୁଲୁ ଆଜି ସକାଳୁ ନଦୀ କୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ ତାଙ୍କ ଗୋଡ଼ ଖସି ଯିବାରୁ ସେ ନଦୀର ଗଭୀର ଜଳ ମଧ୍ୟକୁ ଚାଲିଯାଇଥିଲେ। ପାଖରେ ଗାଧଉଥିବା ଲୋକ ତାଙ୍କୁ ନଦୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ଆସିକା ମେଡ଼ିକାଲରେ ଭର୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣାପଡିଛି। ଖବରପାଇ କୋଟିନଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।



## ୧୩ କ୍ୱିଇଣ୍ଟାଲ ୧୯ କେଜି ଗଞ୍ଜେଇ ଜବତ

### ୩ଜଣ ଗିରଫ ସହ ଡ୍ରାଇଭର ଫେରାର



**ପାଟଣାଗଡ଼,(ମହାଭାରତ) :** ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଝଲିଆଲିଟି ଗ୍ରାମ ନିକଟରେ ଗଞ୍ଜେଇ ଚାଲାଣ ବେଳେ ଗଞ୍ଜେଇ ସହିତ ୩ ଜଣ ଅଭିଯୁକ୍ତ କୁ ଗିରଫ କରିଛି ଲାଠୋର ପୋଲିସ । ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ପଟ ରୁ ପଡୋଶୀ ଛତିଶଗଡକୁ ଏକ ବଲେରୋ ପିକଅପ ଗାଡି ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଲାଠୋର ପୋଲିସ କୌଣସି ସୂତ୍ର ରୁ ଖବର ପାଇ ଚଢାଉ କରି ପିକଅପ୍ ଭେନ୍ ସହିତ ୨ ବାଇକ ଓ ୩ ଜଣ ଅଭିଯୁକ୍ତ କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଡ୍ରାଇଭର ଫେରାର ଥିବା ସୁଚନା ଦେଇଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ୨ ଜଣ ନୂଆପଡା ଜିଲ୍ଲା କୋମନା ଥାନା ଜେଠୁପାଲି ର କ୍ଷମାସାଗର ତାଣ୍ଡି , ବୃନ୍ଦାବନ ମହାନନ୍ଦ ଆଉ ଜଣେ ହେଲେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଚାଉଳବାଞ୍ଜି ଗ୍ରାମର ଭିଷ୍ମ ସୁନା ବୋଲି ଜଣାପଡିଛି । ପରେ ମାଜିଷ୍ଟ୍ରେଟ ଦାଇତ୍ୱରେ ଥିବା ଖପ୍ରାଖୋଲ ତହସିଲଦାର ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବା ରୁ ୧୩ କ୍ୱିଇଣ୍ଟାଲ୍ ୧୯ କେଜି ବୋଲି ପୋଲିସ ସୁତ୍ରରୁ ସୁଚନା ମିଳିଛି । ଜବତ ଗଞ୍ଜେଇ ର ଆନୁମାନିକ ୮୦ ଲକ୍ଷ ରୁ ଅଧିକ ହେବ ବୋଲି ଜଣା ପଡ଼ିଛି । ଏହି ବେଆଇନ ଗଞ୍ଜେଇ ଚାଲାଣ ର ମୁଖ୍ୟ ଆସାମୀ କୁ ଧରିବା ପାଇଁ ପୋଲିସ ଅଧିକା ତଦନ୍ତ ଜାରି ରଖିଛି ବୋଲି ଲାଠୋର ଥାନାଧିକାରୀ ରାକେଶ ବେହେରା ସୁଚନା ଦେଇଛନ୍ତି ।

## ପିଅନ କର୍ମଟରୀମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ବୈଠକ



**ଭବାନୀପାଟଣା,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ପିଅନ ମହାସଂଘର ସଭାପତି ଶ୍ରୀ ହରେକୃଷ୍ଣ ନାଏକ ଓ ସାଧାରଣ ସମ୍ପାଦକ ଶ୍ରୀ ମଚିନ୍ଦ୍ର ନାଏକ ତତ୍ତ୍ୱାବଧାନରେ ଭବାନୀପାଟଣା ସ୍ଥିତ ଜିଲ୍ଲା ଅମଲାଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ କର୍ମଚାରୀ ମାନଙ୍କର ବହୁବର୍ଷର ପୁରୁଣା ୧୦ଗୋଟି ଦାବି ଯଥା ୧. ଗ୍ରାମ ପଞ୍ଚାୟତମାନଙ୍କରେ ଗୋଟିଏ ଲେଖାଏଁ ସ୍ଥାୟୀ ପିଅନ ପଦବୀ ସୃଷ୍ଟି କରିବା ସହିତ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ କରିବା। ୨. ରାଜ୍ୟ ବଜେଟ୍ ରେ ଏହି କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ଂ ରଖୁବା ।୩. ଓଡିଶା ଗ୍ରାମ ପଞ୍ଚାୟତ ୨୦୧୪ ମସିହା ୧୨୫ ନିୟମକୁ ଉଚ୍ଛେଦ କରିବା ଓ ୧୯୬୪ ମସିହା ୧୨୩ ଆଇନକୁ ତୁରନ୍ତି ବିଧାନସଭାରେ ଉପସ୍ଥାପନ କରାଯାଇଶୋଧନ କରିବା । ୪. ଯେ ପର୍ଯ୍ୟନ୍ତ ପଞ୍ଚାୟତରେ ନୂତନ ସ୍ଥାୟୀ ପିଅନ ପଦବୀ ନିଯୁକ୍ତି ସୃଷ୍ଟି କରିନାହାଁନ୍ତି, ତେବେ ପଞ୍ଚାୟତ ମାନଙ୍କରେ ଡିପିଓ ଙ୍କ ଠାରୁ ଅନୁମୋଦନ ଆଦେଶ ପତ୍ର ପାଇ କାର୍ଯ୍ୟ କରୁଥିବା ପିଅନମାନଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରୀ ୪୫୦ଟଙ୍କା ପ୍ରଦାନ କରିବା। ପଞ୍ଚାୟତିରାଜ ବିଭାଗରେ କର୍ମଚାରୀ ମାନଙ୍କ ସବିଶେଷ ତଥ୍ୟ ତାଲିକା ପଞ୍ଜିକରଣ କରିବା ଓ ଚାକିରି କ୍ଷେତ୍ରରେ ସାମାଜିକ ସୁରକ୍ଷା ପ୍ରଦାନ କରିବା, ସମାନ କାମକୁ ସମାନ ଦରମା ଭଳି ଦାବିଗୁଡ଼ିକୁ ରାଜ୍ୟ ସରକାର ସୁବିଚାର କରିବା ନିମନ୍ତେ ବୈଠକରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି ୧ ପ୍ରକାଶଯୋଗ୍ୟ ଯେ, ବହୁବର୍ଷ ଧରି ଗ୍ରାମ ପଞ୍ଚାୟତ ମାନଙ୍କରେ ସରକାରୀ ଅନୁଦାନ ପାଇବା ଆଶା ରଖୁଥ ?ିବା ଏହି କର୍ମଚାରୀ ମାନେ ପଞ୍ଚାୟତରେ ପଡି ରହିଛନ୍ତି। ଏହିସମସ୍ୟାକୁ ସମାଧାନ କରିବା ନିମନ୍ତେ ବିଗତ ଦିନମାନଙ୍କରେ କର୍ମଚାରୀ ସଂଘ ପକ୍ଷରୁ ଉଭୟ ଶାସନ ଓ ପ୍ରଶାସନ ନିକଟରେ ଦାବି କରାଯାଇଅଛି । ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ପଞ୍ଚାୟତିରାଜ ମନ୍ତ୍ରୀ, ମାନ୍ୟବର ଆଇନ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ, ମାନ୍ୟବର ଶ୍ରମ ଓ ନିୟୋଜନ ମନ୍ତ୍ରୀ, ସମ୍ମାନନୀୟ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲାରୁ କର୍ମଚାରୀ ସଂଘ ପକ୍ଷରୁ ବରିଷ୍ଠ କର୍ମଚାରୀଙ୍କ ସମେତ ବ୍ଲକ୍‌ସ୍ତରୀୟ ସଂଘ କର୍ମଚାରୀମାନେ ଯୋଗଦାନ କରି ସଭାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ଗ୍ରାମ ପଞ୍ଚାୟତ ପିଅନ ମହାସଂଘର ଭରସା ଓ ବିଶ୍ୱାସ ଅଛି ଯେ ବର୍ତ୍ତମାନ ର ଓଡ଼ିଶା ସରକାର ଆମର ଗୁହାରି ଶୁଣିବେ।

## ପ୍ରକୃତିର ସୁରକ୍ଷା କବଚ ତାଳଗଛକୁ କାଟିଦେଲେ



**ରାଜନଗର,(ମହାଭାରତ) :** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡପଲୀ ଗ୍ରାମରେ ଏକ କାଳୀନ ୧୫ଟି ପୁରୁଣା ତାଳଗଛକୁ କାଟି ଦିଆଯାଇଛି । ପ୍ରକୃତିର ସୁରକ୍ଷା କବଚ ଭାବେ ପରିଚିତ ତାଳଗଛ ବଜ୍ରପାତରୁ ସୁରକ୍ଷା ଦେଇଥାଏ । ତାଳଗଛକୁ ସୁରକ୍ଷା ଦେବା ସହ ବ୍ୟାପକ ରୋପଣ ପାଇଁ ରାଜ୍ୟ ସରକାର ଜୁଲାଇ ୧ ତାରିଖ ଦିନ ଏନେଇ ନିର୍ଦ୍ଦେଶାବଳୀ ଜାରୀ କରିଥିଲେ। ବନମହୋତ୍ସବ ସପ୍ତାହ ପାଳନର ପ୍ରଥମ ଦିବସରେ ସରକାରଙ୍କ ପକ୍ଷରୁ ଜାରୀ ଏହି ନିର୍ଦ୍ଦେଶବଳୀରେ ବ୍ୟକ୍ତିଗତ ଜାଗା ବା ଜମିରେ ଥିବା ତାଳଗଛ କାଟିବାକୁ ହେଲେ ବନବିଭାଗର ଅନୁମତି ନେବାକୁ ପଡିବ ବୋଲି କୁହାଯାଇଛି। ମାତ୍ର ବଡପଲୀ ଗ୍ରାମର ନିକୁ ବଳ ତାଙ୍କ ପୋଖରୀ ହୁଡାରେ ଥିବା ୧୫ଟି ବହୁ ଦିନର ପୁରୁଣା ତାଳଗଛକୁ ଏକାସାଙ୍ଗରେ କାଟି ଦେଇଛନ୍ତି। ବିନାନୁମତିରେ ତାଳଗଛ କାଟିଲେ ଜେଲ ଜୋରିମାନାର ବ୍ୟବସ୍ଥା ରହିଥିଲେ ମଧ ଏତେଗୁଡିଏ ତାଳଗଛ କଟାଗଲା କିପରି ? ଏନେଇ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ତାଳଗଛଗୁଡିକ ତାଙ୍କର ବ୍ୟକ୍ତିଗତ ଜାଗାରେ ଥିଲା । ସେ ଆମର ଅନୁମତି ନନେଇ କାଟି ଦେଇଛନ୍ତି। ସେ ତାକୁ ଅନ୍ୟତ୍ର ନେବାକୁ ଚେଷ୍ଟା କଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଛନ୍ତି।

## ଅସହାୟକୁ ସାହା ରିୟଲ କେୟାର ଫାଉଣ୍ଡେସନ





**କେନ୍ଦ୍ରାପଡ଼ା,(ମହାଭାରତ) :** ଏଇତ ଜୀବନନ୍ତ। ମହାକାଳପଡା ର ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ (ନୋଳିଆ ସାହି) ନୀଳାଦ୍ରିପୁର୍ ଗ୍ରାମର ନରେଶ ପଣ୍ଡା ଯିଏ କି ବ୍ରେନ ଷ୍ଟୋକ ହେତୁ ୨ ଟି ଯାକ ଆଖିକୁ ହରାଇ ବହୁତ ଅଭାବ ଅନାଟନ ରେ ଦିନ କାଟୁଛନ୍ତି , ରହିବା ପାଇଁ ଘର ନାହିଁ , ଖାଇବାକୁ ଦୁଇମୁଠା ନାହିଁ ସାହାଯ୍ୟ ପାଇଁ ସୋସିଆଲ ମିଡ଼ିଆ ରେ ଖବର ପ୍ରସାରଣ ପରେ ଏହାକୁ ଦେଖି କେନ୍ଦ୍ରାପଡ଼ା ର ଅଗ୍ରଣୀ ସମାଜ ସେବୀ ସଂଗଠନ ରିୟଲ କେୟାର ଫାଉଣ୍ଡେସନ ତରଫରୁ ଘର ପାଇଁ ପାଲ, ସପ ଓ ଗୋଟେ ମାସର ରାସନ ସାମଗ୍ରୀ ଦେବା ସହ ମେଡିକାଲ କାର୍ଯ୍ୟ ରେ ସାହାଯ୍ୟ କରିବାକୁ ପ୍ରତିଶୃତି ଦେଇ ଛନ୍ତି, ଏଥିରେ ଗ୍ରୁପ ର ପ୍ରତିଷ୍ଠାତା ହିମାଂଶୁ ଶେଖର ଜେନା, ସଭାପତି ଦୀପକ କୁମାର ରାଉତ, ସମ୍ପାଦକ ଚନ୍ଦ୍ରପ୍ରକାଶ ମୁଦୁଲି, ଏବଂ ଫାଉଣ୍ଡେସନ ର ଅନ୍ୟ ସଦସ୍ୟ ବୈକୁଣ୍ଠ ରାଉତ, ଯୋତି ରଞ୍ଜନ ବେହେରା , ଅଭିଜିତ ମହାନ୍ତି , ସୁଶାନ୍ତ ସେଠି, ଚନ୍ଦନ ବାରିକି ଯୋଗ ଦେଇ ସେବା କୁ ସମ୍ପୂର୍ଣ କରିଥିଲେ।

## ରାଜ୍ୟ ନାରକୋଟିକ ଟିମର ଚଢ଼ଉ

### ୧୬କେଜି ଗଞ୍ଜେଇ ସହ ୨ ଗିରଫ

**ଆସିକା,(ମହାଭାରତ) :** ରାଜ୍ୟ ନିଶାଦ୍ରବ୍ୟ ନିୟଂତ୍ରଣ ବ୍ୟୁରୋ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ୧୬କେ ଜି ଗଞ୍ଜେଇ ସହ ୨ ଜଣଙ୍କୁ ଗିରଫ କରିଛନ୍ତି ଏନ ସି ବି ବିଭାଗୀୟ ଅଧିକାରୀ । ରାଜ୍ୟ ନାରକୋଟିକ ବିଭାଗର ଏକ ୫ ଜଣିଆ ଟିମ ପୂର୍ବରୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତ କାଲି ରାତି ପ୍ରାୟ ୨.୧୦ ଟା ସମୟରେ ଫୁଲବାଣୀ ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହି ବସକୁ ଆସିକା ଥାନା ନଳବଣ୍ଟା ପଞ୍ଚାୟତ ନଳବଣ୍ଟା ବ୍ରିଜ ନିକଟରେ ଅଟକାଇ ଖାନ ତଲାସି କଲାବେଳେ ଗାଡିର ୨୧ଓ ୨୨ ନମ୍ବର ସିଟରେ ବସିଥିବା କେରଳ ଦୁଇଜଣ ଯୁବକଙ୍କୁ ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୧୬ କେଜି ଗଞ୍ଜେଇ ଜବତ କରି ଗିରଫ କରିଥିଲେ । ଗିରଫ ଦୁଇଜଣ ହେଲେ କେରଳ ରାଜ୍ୟର ଫିଲତୋଷ ଓ ଅରୁଣ ପ୍ରକାଶ ଏମାନେ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ନେଇ କେରଳ ଯାଉଥିବା ସୂଚନା ରହିଛି । ଆଜି ଏହି ଗିରଫ ଦୁଇଜଣଙ୍କ ଡାକ୍ତରୀ ପରୀକ୍ଷା କରି କୋର୍ଟ ରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇଦିଆଯାଇଛି । ପ୍ରକାଶ ଥାଉକି ଓଡ଼ିଶାର ଫୁଲବାଣି, ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ପ୍ରତେକ ଦିନ ବିଭିନ୍ନ ବସ ମାଧ୍ୟମରେ ଚୋରା ଚାଲାଣ ହେଉଥିବାର ନଜିର ରହିଛି ।

